ଶୀତ ୨୦୧୨

# ସଲୃରି ଫୁଲ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଓଡ଼ିଶା ସରକାର

ଶୀତ-୨୦୧୨



ସଂପାଦକ

**ଦାଶ ବେନହୁର**

## ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

### ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

### ଓଡ଼ିଶା ସରକାର

ଶୀତ-୨୦୧୨


ସଂପାଦକ : ଦାଶ ବେନହୁର

ସଂପାଦନା ମଣ୍ଡଳୀ : ସନ୍ତୋଷ ଷଡ଼ଙ୍ଗୀ
ଅଖିଳ ବିହାରୀ ଓତା
ପରମାନନ୍ଦ ପଟେଲ୍



© ସଦସ୍ୟ ସଚିବ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଓଡ଼ିଶା ସରକାର



ମୁଦ୍ରଣ :
କ୍ୟାପିଟାଲ୍ ବିଜ୍‌ନେସ୍ ସର୍ଭିସ୍ ଆଣ୍ଡ୍ କନ୍‌ସଲଟାନ୍ସି
ବି-୫୧, ଶହୀଦନଗର, ଭୁବନେଶ୍ୱର

# ସଂପାଦକଙ୍କ କଲମରୁ....



ଆମ ଚାରିପଟେ ପୃଥିବୀ ଖୁବ୍ ସୁନ୍ଦର । କିନ୍ତୁ କଥା ହେଲା, ସେ ସୁନ୍ଦରତାକୁ ଦେଖିବା ଓ ବୁଝିବାପାଇଁ ଆମେ କେବେ ଚେଷ୍ଟା କରୁନା । ସୂର୍ଯ୍ୟ କେମିତି ଉଏଁ ପୁଣି ବୁଡ଼େ । ଖରାଦିନେ ଗଛ ପତ୍ର କେମିତି ଦିଶନ୍ତି । ପୋଖରୀ, ଘାଟର ଅବସ୍ଥା କ'ଣ ହୁଏ । ପୁଣି ଅସରାଏ ବର୍ଷାପରେ କେମିତି ଥୁଣ୍ଟା ଡାଙ୍ଗରେ ପତ୍ର କଅଁଳି ଆସେ । ବାଉଁଶ କଣିରେ କଜ୍ଜଳପାତି ବସି ନୂଆ ଘାସ ଉଠିଥିବା ପଡ଼ିଆକୁ କେମିତି ଚାହିଁ ରହେ । ଆଷାଢ଼ିଆ ବର୍ଷାରେ ମେଘ ଦୁଲୁକିଲେ କେମିତି ଲାଗେ, ବେଙ୍ଗରଡ଼ି ସାଙ୍ଗକୁ ଝଡ଼ି ବରଷାର ସାଇଁ ସାଇଁ ବପନ, ଦୋହଲୁଥିବା ତାଳ, ନଡ଼ିଆ ଗଛରେ ବାଇ ଚଢ଼େଇର ବସା କେମିତି ଦିଶେ ଛାଇ ଅନ୍ଧାରରେ । ପୁଣି ଶରତ ଆସେ, କାଶତଣ୍ଡୀ ଚଅଁରେ, ଜହ୍ନିଫୁଲ ଫୁଟେ । ଶୀତରେ କେମିତି ଫୁଲ ଫଳରେ ଭରିଯାଏ ଚାରିଆଡ଼ । ବସନ୍ତ ଆସି ବଉଳର ବାସ୍ନା ସହ ହାଟ ବସାଏ କଅଁଳ ପତ୍ରର ପସରା ମେଲେଇ ।

ପାଠ ପଢୁଥିବା ବୟସରେ ଆମେ କ'ଣ ସତରେ ପ୍ରକୃତିର ଏଇ ପରିବର୍ତ୍ତନକୁ ଲକ୍ଷ୍ୟ କରୁ ? ସମସ୍ତେ କହନ୍ତି ପିଲାବେଳର ମନ କୌତୁହଳି ମନ । ଛୋଟ ବୟସରେ ସବୁକଥା ଜାଣିବାକୁ ଇଚ୍ଛା ହୁଏ, ନୂଆ କିଛି କରି ଦେଖାଇବା ପାଇଁ ମନ ଡାକେ ।

ଋତୁ ଅନୁସାରେ ଆମ ଚାରିପାଖର ପୃଥିବୀ ବଦଳୁଥାଏ । ଯେଉଁ ଛଅ ଋତୁ ଅଛି, ସେଥିରୁ ତିନି ଗୋଟି ଟାଣ ଋତୁ ତ ତିନି ଗୋଟି କୋମଳ ଋତୁ । ବସନ୍ତ କଅଁଳକୁ ଖରା ଟାଣ ; ବରଷା ଟାଣକୁ ଶରତ କଅଁଳ ; ଆହୁରି ପୁଣି ହେମନ୍ତ କୋମଳ ହେଲାବେଳକୁ ଶିଶିର ଋତୁ ଟାଣ ଶୀତରେ ଥରେଇଦିଏ ମଞ୍ଜା । ଏତିକି ବେଳେ

ଚଉଦିଗରେ ଥିବା ଗଛପତ୍ର, ପଶୁପକ୍ଷୀ ଓ ପାଣିପବନକୁ ଆମେ ଲକ୍ଷ୍ୟ କରିବା କଥା । ଏହି ଲକ୍ଷ୍ୟ କରିବା ବା ଅନୁଧ୍ୟାନ କରିବା ଦ୍ୱାରା ଆମେ କେବଳ ପ୍ରକୃତି ବୁଝିପାରୁ ସେକଥା ନୁହେଁ, ତା ସାଙ୍ଗକୁ ଚମତ୍କାର ଆନନ୍ଦ ମଧ୍ୟ ପାଉ । ଏହି ଆନନ୍ଦ ଆମକୁ ରଚନାତ୍ମକ କରେ । ଆମ ଜୀବନକୁ ସରସ ସୁନ୍ଦର କରେ । ସେଇଥିପାଇଁ କୁହାଯାଇଛି, ପ୍ରକୃତି ସହିତ ଏକାତ୍ମ ହେଲେ ପ୍ରାଣୀ ମନରେ ଆନ୍ତରିକତା ସାଙ୍ଗକୁ ସୃଜନଶୀଳତା ଆସେ ।

ଏବେ ଆମ ମାଟିରେ ଶୀତଋତୁର ସମୟ । ଠିକ୍ ଏହି ସମୟରେ ଅନୁଷ୍ଠିତ ହେଉଛି ରାଜ୍ୟସ୍ତରୀୟ "ସର୍‌ଗିଫୁଲ୍" ଉତ୍ସବ । ଏହି ଉତ୍ସବକୁ ସାରା ଓଡ଼ିଶାର ଛାତ୍ରଛାତ୍ରୀମାନେ ବଛାହୋଇ ଆସିବେ । ସେମାନେ ଏକାଠି ହେବେ, କେତେ କଥା ଭାବିବେ, କରିବେ ପୁଣି ମିଶିବେ । ସର୍‌ଗିଫୁଲ୍ ତାଙ୍କର ନୂଆ କରିବାର ମନକୁ ଆହୁରି ବିସ୍ତାରିତ କରିବ । ଯେଉଁ ବିସ୍ତାରଣର କିଛି କିଛି ଝଲକ ଅଛି ଆମ ଏଇ ସର୍‌ଗିଫୁଲ୍ ପତ୍ରିକାରେ ।

ସର୍‌ଗିଫୁଲ୍ ପ୍ରକୃତିମାତାର ଏକ ଅତୁଳନୀୟ ପ୍ରତିନିଧି । ଅତଏବ ସର୍‌ଗିଫୁଲ୍ ସହିତ ଯୋଡ଼ି ହୋଇଛି ପ୍ରାକୃତିକ ମୌଳିକତାର ଏକ ଅନନ୍ୟ ଝଲକ ।

ଆମର ଆଶା ସର୍‌ଗିଫୁଲ୍, ପିଲାମାନଙ୍କୁ ଏ କଣକଣିଆ ଶୀତରେ ବି ସୃଜନଶୀଳତାର ଝଲକ ଦେଇ ପୁଲକିତ କରି ରଖିବ ।

ବନ୍ଦେ ଉତ୍କଳ ଜନନୀ ।

**ଦାଶ ବେନହୁର**
ସଂପାଦକ




## ସର୍‌ଗିଫୁଲ୍ ଅବସରରେ......

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପରିଚାଳିତ ବିଦ୍ୟାଳୟ ସମୂହର ପିଲାମାନଙ୍କୁ ନେଇ "ସରଗିଫୁଲ୍" ଉତ୍ସବ ଏହାକୁ ମିଶାଇ ତିନିବର୍ଷ ହେଲା । ଏହି ଉତ୍ସବର ଆରମ୍ଭ ଉତ୍ସାହପ୍ରଦ ଥିଲା । ଏବେ ସେ ଉତ୍ସାହ ଆହୁରି ମୁଖରିତ ହେବାରେ ଲାଗିଛି । ପିଲାମାନେ ତାଙ୍କ ଦକ୍ଷତାକୁ; ପାରିବା ପଣିଆକୁ ନିସଙ୍କୋଚରେ ପ୍ରଦର୍ଶିତ କରିବାରେ ଲାଗିଛନ୍ତି । ଏହା ଗତବର୍ଷ "ସରଗିଫୁଲ୍" ଉତ୍ସବରେ ପ୍ରତିଫଳିତ ହୋଇଥିଲା, ଏ ବର୍ଷ ଏହା ଆହୁରି ବ୍ୟାପକତର ହେବ । ପ୍ରଥମେ ପ୍ରଥମେ ସେମାନଙ୍କ ସୃଜନୀ ସମ୍ଭାର ଖୁବ୍ କ୍ୱଚିତ୍ ଆମ ପାଖକୁ ଆସୁଥିଲା । ଏବେ ସେ ସମୟ ଅତିକ୍ରାନ୍ତ । ପିଲାଏ ସଚେତନ । ଭରପୁର ଲେଖାର ସମାହାର ଆମ ପାଖରେ । ସେଥିରୁ କିଛିଟାକୁ ନେଇ ଏ ସଂଖ୍ୟା ପ୍ରସ୍ତୁତ । ସଂଗୃହୀତ ସମସ୍ତ ଲେଖା ପର୍ଯ୍ୟାୟକ୍ରମେ ବିଭିନ୍ନ ସଂଖ୍ୟାରେ ସ୍ଥାନିତ ହେବ ।

ବର୍ତ୍ତମାନ ବିଜ୍ଞାନ ଓ କାରିଗରୀର ଯୁଗ । ଆଜିର ପିଲାମାନଙ୍କ ସୃଜନୀଶକ୍ତି ଆମ ପିଲାଦିନଠାରୁ ଖୁବ୍ ବ୍ୟାପକ । ତେଣୁ ସେମାନଙ୍କ ଆହରଣ ଦକ୍ଷତା ଆମଠୁଁ ଅଧିକ । ଏହାକୁ ଆଖି ଆଗରେ ରଖି ଚଳିତ **ସରଗିଫୁଲ୍-୨୦୧୨** ର ପରିକଳ୍ପନା । ସରଗିଫୁଲ୍ ପିଲାଙ୍କ ଦକ୍ଷତାକୁ ନେଇ ଉଦ୍ଭାସିତ ହେଉ । ଆମ ପିଲାମାନେ ଆହୁରି ସୃଜନଶୀଳ ହୁଅନ୍ତୁ । ସରଗିଫୁଲ୍ ପ୍ରକାଶନ ଅବସରରେ ଏତିକି ଶୁଭେଚ୍ଛା ।

ସନ୍ତୋଷ ଷଡ଼ଙ୍ଗୀ

**ସନ୍ତୋଷ ଷଡ଼ଙ୍ଗୀ**
କମିଶନର ତଥା ଶାସନ ସଚିବ
ଅନୁସୂଚିଜ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ



# ଦ୍ୱି'ପଦ.....

ଆମ ବିଭାଗର ପିଲାଏ ଚମତ୍କାର । ସେମାନଙ୍କ ସୃଜନୀ ସମ୍ଭାର ବି ବିସ୍ମୟକର । ଲେଖାରେ, ତୂଳୀରେ, ନୃତ୍ୟରେ, ସଂଗୀତରେ, କ୍ରୀଡ଼ାରେ ଏହିପରି ପ୍ରତ୍ୟେକ କ୍ଷେତ୍ରରେ ସେମାନେ ନିଜକୁ ପ୍ରତିଷ୍ଠା କରିବାକୁ ସମର୍ଥ । କେବଳ ଉଚିତ୍ ମାର୍ଗଦର୍ଶନ ଓ ତାଙ୍କ ସାମର୍ଥ୍ୟାନୁରୂପ ସେମାନଙ୍କୁ ପ୍ରୋତ୍ସାହନର ଆବଶ୍ୟକତା ରହିଛି ।

ପ୍ରତ୍ୟେକ କ୍ଷେତ୍ରରେ ଆମେ ଦେଖି ଆସିଛୁ ପ୍ରୋତ୍ସାହନ ମିଳିଲେ ପ୍ରତିଭା ବିକଶିତ ହୁଏ । ଆମ ପିଲାମାନଙ୍କୁ ପ୍ରୋତ୍ସାହିତ କରାଯାଉନଥିଲା ତା ନୁହେଁ; ଯଥାଯୁକ୍ତ ଆକଳନ କରାଯାଉନଥିବାରୁ ସେମାନଙ୍କ ପ୍ରତିଭା ପ୍ରତିଷ୍ଠିତ ହୋଇପାରୁନଥିଲା ।


ସରଗିଫୁଲ ସେହିପରି ଏକ ମଞ୍ଚଟିଏ । ବିଗତ ବର୍ଷଗୁଡ଼ିକର ପ୍ରୟାସରୁ ପିଲାମାନେ ଉତ୍‌ଫୁଲ୍ଲିତ ହୋଇଛନ୍ତି । ସେମାନେ ଯାହା ଲେଖୁଛନ୍ତି, ଆଙ୍କୁଛନ୍ତି; ତାର ମୂଲ୍ୟ ରହିଛି, ଏହା ସେମାନଙ୍କର ହୃଦ୍‌ବୋଧ ହୋଇଛି । ସେମାନେ ଉତ୍ସାହିତ, ଆହୁରି ଆହୁରି ଲେଖିବାକୁ । ସରଗିଫୁଲ୍ ପ୍ରତ୍ୟେକ ଶାଖା ତାଙ୍କ ଲେଖାରେ, ଚିତ୍ରରେ ପ୍ରସ୍ଫୁଟିତ ହେଉ, ସରଗିଫୁଲ୍ ପ୍ରକାଶନ ଅବସରରେ ଏତିକି କାମନା ।

**ଅଖିଳ ବିହାରୀ ଓତା**
ସଦସ୍ୟ ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ

# ସୂଚିପତ୍ର


| ବିଷୟ | ପୃଷ୍ଠା |
|---|---|
| କର୍ମ ଘେନି ଫଳ | ୧ |
| ଟୁଇକୁ ମୂଷି | ୩ |
| ଆମେ ବିଜ୍ଞାନ ଯୁଗର ପିଲାରେ | ୪ |
| ସନ୍ଦେହର ପୋକ | ୫ |
| ଅଜାଙ୍କ ରାଗ ଆଈଙ୍କ ବାଗ | ୬ |
| ଗାନ୍ଧିଜୀ ଓ ଶ୍ରମନିଷ୍ଠା | ୭ |
| ଜହ୍ନ ମାମୁଁ | ୮ |
| ଗୋଟି ଗୋଟି କରି ହୁଏ କୋଟିଏ | ୯ |
| ପ୍ରକୃତ ବନ୍ଧୁ | ୧୦ |
| ଅନ୍ତରେ ମୋର ଭରିଦିଅ ପ୍ରଭୁ | ୧୨ |
| ଗଞ୍ଜା ତିନିଥର ରଡ଼େ କାହିଁକି ? | ୧୩ |
| ତୁମ ପାଇଁ ଗୀତ | ୧୪ |
| ସ୍ୱାସ୍ଥ୍ୟ | ୧୪ |
| ବୁଝିବିଚାରି କାର୍ଯ୍ୟ କର ? | ୧୫ |
| ମୋ ଆଶ୍ରମ ବିଦ୍ୟାଳୟ | ୧୬ |
| ଭଲ ଲାଗେ | ୧୭ |
| ଭଲ ବ୍ୟକ୍ତିଙ୍କର ମୃତ୍ୟୁ | ୧୮ |
| ଅନୁଭବ | ୧୯ |
| ପରିବେଶ | ୧୯ |
| ମୋ ମାଟି ମୋ ମାଆ | ୨୦ |
| ଅଳିଆର ପିଲା | ୨୧ |
| ନୂଆ ଦୁନିଆ | ୨୨ |
| ଆପଣା ମହତ ଆପେ ରଖ | ୨୩ |
| ଆମ ଭାଷା | ୨୪ |
| କୋଇଲି | ୨୪ |
| ବିପଦବେଳେ ବନ୍ଧୁ | ୨୫ |
| ଜାତୀୟ ପତାକା | ୨୬ |
| ଆମେ ଆଦିବାସୀ | ୨୬ |
| ବଣିକ ଓ ଗଧ | ୨୭ |
| **Who am I** | ୨୮ |
| ଆମେରେ ସବୁ ଆଦିବାସୀ | ୨୯ |
| ଓରାମ ସଂପ୍ରଦାୟରେ କରମ ପୂଜା | ୩୦ |
| ମୋର ଅଜା ଘର ଗାଁ | ୩୨ |
| ବଗିଚାର ଫୁଲ | ୩୨ |
| ଜାତୀୟ ଜୀବନ ଓ ବ୍ୟକ୍ତିଗତ ଜୀବନ | ୩୩ |
| ସହର ମୂଷା ଓ ଗାଁ ମୂଷା | ୩୪ |
| ଅଳସୁଆର ଫଳ | ୩୪ |
| ଚତୁର ବିଲୁଆ | ୩୫ |
| ସୁଖ -ଦୁଃଖର ଗୀତ | ୩୬ |

| | |
|---|---|
| ଦୁଷ୍ଟ ପିଲା | ୩୬ |
| କୃଷକ ଓ କୁଣିଆ କଥା | ୩୭ |
| ପରିଶ୍ରମର ଫଳ | ୩୮ |
| ସରଗି ଫୁଲର ବାସ | ୩୮ |
| ଏଇ ମାଟି ମୋ ଜନମଭୂମି | ୩୯ |
| ପ୍ରଧାନପାଟର ସୁରକ୍ଷା | ୩୯ |
| ମଧୁବାବୁ ଓ ଭଗବାନ | ୪୦ |
| ଆଶ୍ଚର୍ଯ୍ୟ ହରିହର | ୪୧ |
| ପ୍ରତାରଣା | ୪୨ |
| ବିଲୁଆ ନନା | ୪୪ |
| ଅବଶୋଷ | ୪୫ |
| ପ୍ରଜାପତି | ୪୬ |
| ମୋତେ ଭାରି ଭଲ ଲାଗେ | ୪୬ |
| ସରଗି ଫୁଲର ବାସ | ୪୭ |
| ନଦୀର ଆଧାତ୍ମ | ୪୮ |
| ସବୁଠି ମିଠା ମୋ ମା | ୪୯ |
| ମୋ ମା’ | ୪୯ |
| ପ୍ରିୟ ମା’ ତାରିଣୀ | ୫୦ |
| ମୋ ସୁନାର ଭାରତ | ୫୦ |
| ମା | ୫୧ |
| ଅଳସୁଆ ପଣ ଛାଡ଼ | ୫୧ |
| ସର୍ଗୀ ଫୁଲ ମୁଁ କହୁଛି | ୫୨ |
| ଜାନି ପାଖକୁ ଯିବାନି, ଟୁପୁରୁ ଟାପର ହେବାନି | ୫୪ |
| ମଜା କଥା | ୫୬ |
| ମୟୂର ଅଣ୍ଡା ଓ ସାତ ଅନ୍ଧୁଣୀ | ୫୭ |
| ଆମ କ୍ୟାବିନେଟ୍ | ୫୮ |
| ଆମ ବିଦ୍ୟାଳୟ ପରିବେଶ ମନ୍ତଣାଳୟ | ୬୦ |
| ଘୁମୁ ଘୁମୁ ଘୁମୁରେ ପାରା | ୬୦ |
| ଗୀତର ନାମ -ମାଁଗୋ ବାପାଗୋ ମନ ଲାଗୁଛି | ୬୧ |
| କର୍ମ ହିଁ ଭଗବାନ | ୬୨ |
| ଧାଇଁ ଗିଡ଼ି ଗିଡ଼ି ଶଗଡ଼ ଗାଡ଼ି | ୬୩ |
| ଅସଲ ଦଣ୍ଡ | ୬୪ |
| ହୁମ ବଉଲି - ସମ୍ବଲପୁରୀ ହୁମ | ୬୫ |
| विचित्रमिलन | ୬୭ |
| କିସାନ ସଂପ୍ରଦାୟର ଲୋକଗୀତ | ୬୮ |
| ଓରାମ ସଂପ୍ରଦାୟର ଲୋକଗୀତ | ୬୯ |
| ଦେଶାସେଲୁ ଜୀଉସିନା | ୬୯ |
| ଲବ୍ - କୁଶ | ୭୦ |
| ଘର୍ମା ବାହା | ୭୦ |
| ସୁଙ୍ଗାମୁଁ ଝିଅ ସୁଙ୍ଗାମୁଁ | ୭୧ |
| ଉଲୁଲା ବୁଡି ଉଲୁ | ୭୧ |
| ଡାମରା କାକାରେ ଡାମରା କାକା | ୭୨ |



# କର୍ମ ଭେଳି ଫଳ


ଆତ୍ମଦେବ ଜଣେ ବିଦ୍ୱାନ ବ୍ରାହ୍ମଣ ଥିଲେ । ଅନ୍ୟ ସାଧୁସନ୍ଥଙ୍କ ଭଳି ତୁଙ୍ଗଭଦ୍ରା ନଦୀ ତୀରରେ ସେ କୁଟୀର ନିର୍ମାଣ କରି ରହୁଥିଲେ । ଆତ୍ମଦେବ ସ୍ୱଭାବରେ ଯେତିକି ସାଧାସିଧା ଓ ପରୋପକାରୀ ଥିଲେ ତାଙ୍କର ପତ୍ନୀ ସେହି ମାତ୍ରାରେ କ୍ରୁର କର୍କଶ ଥିଲେ । ସର୍ବଦା ସ୍ୱାମୀଙ୍କ ଭଲ କାମରେ ବାଧା ସୃଷ୍ଟି କରୁଥିଲେ । ଆତ୍ମଦେବଙ୍କର ଗୋଟିଏ ପୁତ୍ର ସନ୍ତାନ ଥିଲା । ନାଁ ଥିଲା ଧୂରନ୍ଧର । ମାତାଙ୍କ ଭଳି ସେ କ୍ରୁର ଓ ସଇତାନ ପ୍ରବୃତ୍ତିର ଥିଲା । ଦିନେ ସେ ରାସ୍ତାରେ ଜଣେ ନେତ୍ରହୀନ ବ୍ୟକ୍ତିଙ୍କୁ ଦେଖିଲା । ଚକ୍ଷୁହୀନ ବ୍ୟକ୍ତିଟି ଆତ୍ମଦେବଙ୍କ ପୁଅର ସହାୟତା ମାଗି କହିଲେ, - "ଭାଇ ! ମୋତେ ରାସ୍ତାର ଆରପାର୍ଶ୍ୱରେ ଛାଡ଼ିଦିଅ ।" ଦୁଷ୍ଟ ଧୂରନ୍ଧର କୌଶଳରେ ତାଙ୍କୁ ଏକ କୂଅ ନିକଟକୁ ନେଇ ଧକ୍କା ଦେଲା । ବିଚରା ନେତ୍ରହୀନ ବ୍ୟକ୍ତିଟି କୂଅରେ ପଡ଼ିଗଲା । ପିଟି ହୋଇ ମୁଣ୍ଡ ଫାଟିଗଲା । ଧୂରନ୍ଧରକୁ କୂଅରୁ ଏକ ଡାକ ଶୁଭିଲା - "ଦୁଷ୍ଟ ! ମୋତେ ବିନା କାରଣରେ ଏଭଳି କଠିନ ଦଣ୍ଡ ଦେଲୁ, ଏହି ଦୁଷ୍କର୍ମର ଫଳ ତୋତେ ଅବଶ୍ୟ ଭୋଗିବାକୁ ପଡ଼ିବ ।" ଦୁଷ୍ଟ ଧୂରନ୍ଧର ଏହି ବାକ୍ୟରେ ବିଚଳିତ ହେବା ତ ଦୂରର କଥା, ନିକଟରୁ ଗୋଟିଏ ବଡ଼ ପଥର ଉଠାଇଆଣି କୂଅରେ ପଡ଼ିଥିବା ନେତ୍ରହୀନଙ୍କ ଉପରକୁ ପକାଇ ଦେଲା । କୂଅରେ ସେ ଜଳସମାଧି ନେଲେ, ଗ୍ରାମବାସୀ ଏହାକୁ ଧିକ୍କାର କଲେ, କିନ୍ତୁ କ୍ରୁର ଓ ଦୁଷ୍ଟ ଧୂରନ୍ଧର ଉପରେ ଏହାର କୌଣସି ପ୍ରଭାବ ପଡ଼ିଲା ନାହିଁ । ଦିନେ ତା'ର କିଛି ଲୋକଙ୍କ ସହିତ କଳି ହେଲା, କଥା ବଢ଼ିଗଲା । ଝଗଡ଼ାକାରୀ ଧୂରନ୍ଧରର ଗଳାଚିପି ହତ୍ୟା କଲେ । ମୃତ୍ୟୁ ପରେ ଧୂରନ୍ଧର ପ୍ରେତ ହୋଇଗଲା । ପ୍ରେତର ଅତୃପ୍ତ ଆତ୍ମା ନେଇ ସେ ଘୂରି ବୁଲିଲା । ମୁକ୍ତି ନିମିତ୍ତ ସେ ଛଟପଟ



ହେଲା । ଦିନେ ବୃକ୍ଷ ତଳେ ଉପବେଶନ କରିଥିବା ଜଣେ ସନ୍ନ୍ୟାସୀଙ୍କୁ ଦେଖି ସେ ମୁକ୍ତି ନିମିତ୍ତ ପ୍ରାର୍ଥନା କଲା । ସନ୍ନ୍ୟାସୀ କହିଲେ ତୁମ ଭାଇ ଗୋକର୍ଣ୍ଣ ଈଶ୍ୱରଙ୍କ ପରମଭକ୍ତ, ତାଙ୍କର ଶରଣ ନେଲେ ତୁମକୁ ଅବଶ୍ୟ ମୁକ୍ତି ମିଳିପାରେ । ଗୋକର୍ଣ୍ଣ ଉଦରାମନା ଥିଲେ ଓ ବିଶିଷ୍ଟ ବିଦ୍ୱାନ ମଧ ଥିଲେ ।

ଦିନେ ରାତିରେ ଧୂରନ୍ଧର ଗୋକର୍ଣ୍ଣଙ୍କ ନିକଟକୁ ଗଲା । ଗୋକର୍ଣ୍ଣ ପଚାରିଲେ, ନିଜେ କରିଥିବା ପାପ ପ୍ରତି ତୁମର ଦୃଷ୍ଟିକୋଣ କ'ଣ ? ଧୂରନ୍ଧର ବିରକ୍ତି ଭାବ ପ୍ରକାଶ କହିଲା, - 'ମୁଁ ଲୋକଙ୍କୁ ବହୁ ହଇରାଣ ହରକତ କରିଛି, ସେ ନିମନ୍ତେ ଏହି ପୀଡ଼ା ଭୋଗୁଛି । ଏହା ମୋର ଦୁଷ୍କର୍ମର ଫଳ ଅଟେ । ମୋତେ କୌଣସି ପ୍ରକାରରେ ଏହି କଷ୍ଟରୁ ମୁକ୍ତି ଦିଅନ୍ତୁ ।" ଗୋକର୍ଣ୍ଣଙ୍କ ହୃଦୟ କରୁଣାରେ ଦ୍ରବୀଭୂତ ହୋଇଗଲା । ସେ କହିଲେ, "ମୁଁ କାଲି ତୁମ ନିମନ୍ତେ ତୁଙ୍ଗଭଦ୍ରା ନଦୀତଟକୁ ଯାଇ ପ୍ରାର୍ଥନା କରିବି । ଏହା ବଳରେ ତୁମର ମୁକ୍ତି ହୋଇଯିବ । ତୁମେ ଭଗବାନଙ୍କ ଶରଣ ନେଇ ତାଙ୍କୁ ଜପ କର ।" ଗୋକର୍ଣ୍ଣ ପରଦିନ ତପସ୍ୟା ଆରମ୍ଭ କଲେ ଏବଂ ସେ ସାତଦିନ ଧରି ତପସ୍ୟାରେ ରହିଲେ । ପ୍ରାର୍ଥନା ପ୍ରଭାବରୁ ଓ ଈଶ୍ୱରଙ୍କ ନାମ ନେବାରୁ ଧୂରନ୍ଧର ପ୍ରେତ ଜନ୍ମରୁ ମୁକ୍ତି ପାଇଲା । ସେ ଜାଣିପାରିଲା ଯେ ସାହାଯ୍ୟ ମାଗୁଥିବା ବ୍ୟକ୍ତିର ଉପକାର କରି ନ ପାରିଲେ ବି ଅପକାର କରିବା ମହାପାପ ।

**ଶ୍ରୀ ଭରତ ଚନ୍ଦ୍ର ହାଂସଦା**
ଅଷ୍ଟମ ଶ୍ରେଣୀ,
ସରକାରୀ ଉଚ୍ଚ ବିଦ୍ୟାଳୟ, ବାସୀପିଠା, ମୟୂରଭଞ୍ଜ



**ମୋହନ ବିନ୍ଧାଣୀ**, ସରକାରୀ ଉଚ୍ଚ ବିଦ୍ୟାଳୟ, ମୟୂରଭଞ୍ଜ

# ଟୁଉକୁ ମୂଷି

ଟୁଉକୁ ମୂଷିଲୋ ଟୁଉକୁ ମୂଷି
ଆଜି କାହିଁ ଭାରି ଦିଶୁଛୁ ଖୁସି ।
ଧାନ ତ ଅମଳ କଲାନି ଚଷୀ,
କେମିତି ଖାଇବୁ ଡୁଲିରେ ପଶି ।
ଟୁଉକୁ ମୂଷି ଲୋ ଟୁଉକୁ ମୂଷି,
ଆଇ ରାଗିଛନ୍ତି ପାଳିବେ ପୁଷି ।
ତା’ ହାବୁଡୁ କ’ଣ ପାରିବୁ ଖସି ?
ତୋ ଉପରେ ସିଏ ମାଡ଼ିବ ବସି ।
ଟୁଉକୁ ମୂଷି ଲୋ ଟୁଉକୁ ମୂଷି,
କହିବି ଆଇକି ନ ପାଳେ ପୁଷି ।
ମାଛ ଦେଖିଲେ ସେ ପଶିବ ଧସି,
କ୍ଷୀର ଖାଇଦେବ ଶିକାରେ ବସି ।

ଧୀରେ ଗହିଁ ମୂଷି କହିଲା ହସି,
ମୁନା ଭାଇ ମୋତେ କରିଲ ଖୁସି ।
ଟୁଉକୁ ମୂଷିଲୋ ଟୁଉକୁ ମୂଷି,
ମାନିବାରୁ ଦୋଷ ହେଲି ମୁଁ ଖୁସି ।
ଆ’ମୋ ପାଖକୁ ଖେଳିବା ବସି,
ଏତିକି ବେଳରେ ଆସିଲା ପୁଷି ।
ଚଟ୍‌କିନା ଏବେ ଧାଇଁଲା ମୂଷି,
ଚୁଁ କିନା ଗଲା ଗାତରେ ପଶି ।

**କୁଳଦୀପ ପାତ୍ର**
ଅଷ୍ଟମ ଶ୍ରେଣୀ,
ବାସିପିଠା ସରକାରୀ ଉଚ୍ଚ ବିଦ୍ୟାଳୟ



# ଆମେ ବିଜ୍ଞାନ ଯୁଗର ପିଲାରେ



ଆମେ ବିଜ୍ଞାନ ଯୁଗର ପିଲାରେ
ପିଲା ହେଲେ ଆମେ ପରା ସେହି
ପଠାଣି ସାମନ୍ତ ଚେଲାରେ
ଆମେ ବିଜ୍ଞାନ ଯୁଗର ...... ।



ଆମ ଇତିହାସ କହେ ଯେ କଥା
ପଢ଼ିଲେ ଗୌରବେ ଟେକୁଚି ମଥା
କେତେ ବୀର କେତେ ବାଜିଆମଣି
ରକତେ ଧୋଇଲେ ଏଇ ଧରଗଣୀ ।



ଅତୀତର ଯେତେ କୀରତି ରାଜି
କାଳର କରାଳେ ଯାଇଛି ହଜି
ବିଜ୍ଞାନର ବଳେ ସେହି ଯେ ଆଜି
ନୁଆରୁ ସେ ପୁଣି ଉଠେ ବିରାଜି ।

ମୁକ ସାକ୍ଷୀ ତା' ଧଉଳି ପାହାଡ଼
ଏଇ ବାରବାଟି କିଲ୍ଲାରେ
ଆଦେମ ବିଜ୍ଞାନ ଯୁଗର ପିଲାରେ.... ।

ବଡ଼ ହୋଇ ଆମେ ପାଠ ପଢ଼ିବୁ
ପାଠ ପଢ଼ି ଦିନେ ମଣିଷ ହେବୁ
ପାଠକୁ କାମରେ ଲଗାଇ ଦେଇ
ବିଜ୍ଞାନର ଜୟ ଯିବୁରେ ଗାଇ ।



ହସେ ପାରାଦ୍ୱୀପ ହସେ ହୀରାକୁଦ
ହସୁଛି ରାଉରକେଲାରେ
ଆମେ ବିଜ୍ଞାନ ଯୁଗର ପିଲାରେ.... ।

**ବବିତା ଭୂୟାଁ**
ନବମ ଶ୍ରେଣୀ, ସରକାରୀ ଆଶ୍ରମ ବିଦ୍ୟାଳୟ,
ଖଜୁରୀପଲ୍ଲି

# ସନ୍ଦେହର ପୋକ

ଜଣେ ରାଜା ଥିଲେ । ସେ ଥିଲେ ଅତି ଉଦାର ଓ ପରୋପକାରୀ । ସାହାଯ୍ୟ କରିବାରେ ସେ କେବେ କୌଣସି ହିସାବ ରଖୁ ନଥିଲେ । ଦିନକର କଥା । ରାଜା ଖାଲି ବସିଥିବା ବେଳେ ତାଙ୍କ ମନରେ ହଠାତ୍ ସନ୍ଦେହର ଛୋଟ ତରଙ୍ଗଟିଏ ଖେଳିଗଲା । ସେ ଭାବିଲେ - ମୁଁ ଏତେ ଅର୍ଥ ବିଭିନ୍ନ ଲୋକଙ୍କୁ ବିଭିନ୍ନ ସମୟରେ ସାହାଯ୍ୟ କରିଛି । ଲୋକେ ତାକୁ ନେଇ ଠିକଣା ଭାବେ ଖର୍ଚ୍ଚ କରୁଛନ୍ତି ତ ? ମୋର ବେହିସାବୀ ଉଦାରପଣ ଦେଖି ମୋତେ ଠକି ଦେବାକୁ ଚେଷ୍ଟା କରୁନାହାନ୍ତି ତ ?

ଏହା ତାଙ୍କ ମନରେ ଘୁରୁଘୁରୁ ହେବାକୁ ଲାଗିଲା । ରାଜା ବିଷର୍ଣ୍ଣ ଦେଖାଗଲେ । ରାଜସଭାରେ ତାଙ୍କ ମୁହଁ ହସ ହସ ଦିଶୁ ନଥିଲା । ଏଇ ସମୟରେ ଦ୍ୱାରପାଳ ଖବର ଦେଲା ଯେ ଜଣେ ବୃଦ୍ଧ ରାଜାଙ୍କୁ ଦେଖା କରିବାକୁ ଚାହାନ୍ତି । ରାଜାଙ୍କୁ ସେଦିନ ସବୁ ବିଷପିଚା ପରି ଲାଗୁଥିଲା । ତଥାପି ସେ ସେଇ ବୃଦ୍ଧଙ୍କୁ ଡ଼କାଇଲେ ।

ରାଜସଭାରେ ସମସ୍ତଙ୍କୁ ପ୍ରଣାମ କରି ବୃଦ୍ଧ କହିଲେ - ମହାରାଜ ମୋ ପୁଅ ଭଲ ଗୀତ ଗାଉଥିବା ଶୁଣି ଆପଣ ତା'ର ଉଚ୍ଚ ଶିକ୍ଷା ସକାଶେ ମାସକୁ ଦଶଟି ସ୍ୱର୍ଣ୍ଣ ମୁଦ୍ରା ବୃତ୍ତିଭାବେ ପ୍ରଦାନ କରୁଥିଲେ । ଆପଣଙ୍କର କ'ଣ ଏକଥା ମନେ ଥିବ ? ସେ ଯାହା ହେଉ ଦୁର୍ଯୋଗକୁ ମୋ ପୁଅ ଅକାଳରେ ଚାଲିଗଲା । ମୁଁ ସଂପୂର୍ଣ୍ଣ ଭାବେ ଭାଙ୍ଗି ପଡ଼ିଲି । ପ୍ରକୃତିସ୍ଥ ହେବାକୁ ଲାଗିଗଲା ଛଅ ମାସ । ଛଅ ମାସ ପରେ ମୁଁ ଦେଖେତ ଆପଣଙ୍କ ଦ୍ୱାରା ଦିଆଯାଉଥିବା ବୃତ୍ତି ମୋ ପାଖରେ ସେମିତି ପହଞ୍ଚୁଛି । ତେଣୁ ମୁଁ ବାଧ ହୋଇ ପୁଅ ଚାଲିଯିବାର ଛଅମାସର ଷାଠିଏଟି ସ୍ୱର୍ଣ୍ଣ ମୁଦ୍ରା ଆପଣଙ୍କୁ ଫେରାଇବାକୁ ଆସିଛି । ଆପଣଙ୍କୁ ଅନୁରୋଧ କରୁଛି ଯେ ଏଣିକି ଆଉ ସେଇବୃତ୍ତି ପଠାନ୍ତୁ ନାହିଁ ।

ରାଜା ଏହାଶୁଣି ଚମକୃତ ହେଲେ । ସେ କହିଲେ - ମୋ ମନରେ ଏକ ସନ୍ଦେହ ପଶିଛି ବୋଲି ମୁଁ ଆପଣଙ୍କୁ ଏକ ପ୍ରଶ୍ନ ପଚାରିବି । ପ୍ରଶ୍ନଟି ହେଲା - ଆପଣ ମୋ ପାଖକୁ ଏହା ନେଇ ଆସିଲେ କାହିଁକି ? ଆପଣଙ୍କ ପାଖରେ ଏ ଅର୍ଥ ପହଞ୍ଚୁଛି ବୋଲି କିଛି ହିସାବ କେହି ରଖି ନଥିଲେ । ଆପଣ ତ ଏହାକୁ ରଖି ଭଲ ଭାବେ ଜୀବନଯାପନ କରି ପାରିଥାନ୍ତେ । ବୃଦ୍ଧ କହିଲେ - ଯେଉଁ ରାଜା ଏତେ ଉଦାର, ତା' ପ୍ରଜା ହୋଇ ମୁଁ ସେଇ ଉଦାରତାକୁ ଅବମାନନା କରନ୍ତି ବା କିପରି ?

ରାଜା କହିଲେ - ଆପଣଙ୍କୁ ଧନ୍ୟବାଦ । ଆପଣ ମୋତେ ଏକ ବଡ଼ ବିପଦରୁ ରକ୍ଷା କଲେ । ତାହା ହୋଇ ନଥିଲେ ସନ୍ଦେହର ପୋକ ମୋ ମନରେ ଛିଦ୍ର କରିବା ଆରମ୍ଭ କରି ଦେଇଥାନ୍ତା ।

**ଚନ୍ଦନ ସିଂ**
ଅଷ୍ଟମ ଶ୍ରେଣୀ,
ସରକାରୀ ଉଚ୍ଚ ବିଦ୍ୟାଳୟ, ବାସୀପିଠା, ମୟୂରଭଞ୍ଜ



# ଅଜାଙ୍କ ରାଗ ଆଇଙ୍କ ବାଗ

ଉଡ଼ିଗଲେ ଗେଣ୍ଡାଳିଆ ଝାଡ଼ିଦେଇ ପର,
ଏ ଗୀତଟି ଗାଉଥିଲେ ଅଜା ଦିଗମ୍ବର ।
ପାଳୁଆ ପାଟିରେ ଆଇ ଫୁଙ୍କୁଥିଲା ଚୁଲି,
ଅଜାଙ୍କ ଘରକୁ ମେଞ୍ଚେ ଧୂଆଁ ଗଲା ଚ଼ଲି ।

ଅଜାଙ୍କର ଖୁଁ କାଶ ଆରମ୍ଭ ହୋଇଲା,
ବେଦମ ହୋଇଲେ ଅଜା କାଶ ନ ଥମିଲା ।
ରୋଷେଇ ଘରକୁ ଅଜା ରାଗେ ଗଲେ ଚ଼ଲି,
ଦେଖିଲେ ବୁଢ଼ୀଟି ବସି ଫୁଙ୍କୁ ଅଛି ଚୁଲି ।

ବୋଇଲେ ଅଲକ୍ଷଣି ଏଇ କିସ କଲୁ,
ଗୀତ ମୋର ବନ୍ଦ କରି କ'ଣ କରାଇଲୁ ?
ଆଜି ତୋତେ ଗଣ୍ଡା କେତେ ଦେବି ବେଗେ କସି,
କାନ୍ଦୁଥିବୁ ଅଗଣାରେ ଭାବୁଥିବୁ ବସି ।

ଅଜା କଥା ଶୁଣି ଆଇ ଉଠିଲା ସେ ବେଗେ,
ବୋଇଲାରେ ବୁଢ଼ା ହଡ଼ା, କାହିଁଥିଲୁ ଆଗେ ?
ଓଦାକାଠ ଘରେ ଆଣି ଦେଇଅଛୁ ଥୋଇ,
ଏ ବେଳକୁ ଦୋଷ ମୋର ଦେଇଅଛୁ କହି ।


ଅଜା ଆଇ ଦୁହିଁଙ୍କର ବଢ଼ିଲା କଜିଆ,
ନାତି ତାଙ୍କ ଉଭା ହେଲା ନାମ ତା ନିରିଆ ।
ବୋଇଲା ଲୋ ଆଇ ଅଜା କିଆଁ କର କଳି,
ଧୂଆଁ କେମିତି ନ ହେବ ଦେଖ ଏବେ ଭାଳି ।

ଅଜା ତୁମେ ଗୋବର ଗ୍ୟାସ ଏକ ଗୋଟି କର,
ଧୂଆଁ ହେବ ନାହିଁ ମନୁ ଚିନ୍ତା ପରିହର ।
ହାଣ୍ଡି କଳା ହେବ ନାହିଁ ଆଇ ଦୁଃଖ ଯିବ,
ନିରୋଳାରେ ବସି ତୁମେ ଗୀତ ଗାଉଥିବ ।

ନାତି କଥା ଶୁଣି ଆଇ ହୋଇଲେ ହରଷ,
ଅଜା ଭାବୁଥିଲେ ମୁଁଟା ଗୋବର ଗଣେଶ ।

**ଅରୋଶିଖା ମହାନ୍ତ**
ଦଶମ ଶ୍ରେଣୀ, ସରକାରୀ ଉଚ୍ଚ ବିଦ୍ୟାଳୟ,
ବାସିପିଠା, ମୟୂରଭଞ୍ଜ

# ଗାନ୍ଧିଜୀ ଓ ଶ୍ରମନିଷ୍ଠା



ଥରେ ଜଣେ ସଂସ୍କୃତ ପ୍ରାଧ୍ୟାପକ ଗାନ୍ଧିଜୀଙ୍କୁ ଭେଟିବାକୁ ଚାହିଁଲେ । ସେ ଆଶ୍ରମରେ ପହଞ୍ଚି ଜଣେ ସାଧାରଣ ବ୍ୟକ୍ତି କୂଅରୁ ପାଣି କାଢୁଥିବାର ଦେଖିବାରୁ କହିଲେ -

"ମୋର ମହାତ୍ମାଗାନ୍ଧୀଙ୍କ ସହିତ ଭେଟ ହେବା ଦରକାର । ସେ ବର୍ତ୍ତମାନ କେଉଁଠି ଥିବେ ?" ପାଣି କାଢୁଥିବା ବ୍ୟକ୍ତି କହିଲେ କ'ଣ କାମଥିଲା ମତେ କହନ୍ତୁ । କଥା କହୁ କହୁ ବ୍ୟକ୍ତି ଜଣକ ଗୋଟିଏ ଗଛ ନିକଟରେ ପହଞ୍ଚିଲେ ଏବଂ କୂଅରୁ ଆଣିଥିବା ପାଣିକୁ ଛିଞ୍ଚିବାକୁ ଲାଗିଲେ । ପ୍ରାଧ୍ୟାପକ ମଧ୍ୟ ତାଙ୍କ ସାଙ୍ଗରେ ସେଠାକୁ ଗଲେ ଏବଂ କହିବାକୁ ଲାଗିଲେ-

"ଦେଖ, ତୁମେ ସେ କଥା ବୁଝି ପାରିବ ନାହିଁ । ତାଙ୍କୁ ସାଙ୍ଗରେ ଭେଟିଲା ପରେ ହିଁ ମୁଁ ତାଙ୍କୁ ମୋ କଥା କହିବି ।" ସେ ବ୍ୟକ୍ତି ଜଣକ କହିଲେ, "ଓଃ ଏହି କଥା ! ତାହାହେଲେ ମୋ ସାଙ୍ଗରେ କୂଅ ପାଖକୁ ଆସନ୍ତୁ, ସେଠାରେ ଗାନ୍ଧିଜୀଙ୍କ ସହ ଦେଖା ହୋଇଯିବ ।"

ଦୁହେଁ ସାଙ୍ଗ ହୋଇ କୂଅ ପାଖରେ ପହଞ୍ଚିଲେ । ସେଠାରେ ଯାଇ ସେ ବ୍ୟକ୍ତିଜଣକ ବାସନ ମାଜିବାକୁ ଲାଗିଲେ । ପ୍ରାଧ୍ୟାପକ ଜଣକ ବିରକ୍ତ ହୋଇ କହିଲେ - "ଭଲ ଲୋକ ଆପଣ ? ଦେଖୁନାହାନ୍ତି ଆପଣ ମୋର କେତେ ସମୟ ନଷ୍ଟ କଲେଣି ? ବାସନ ମାଜୁ ମାଜୁ ସେ ବ୍ୟକ୍ତି ତାଙ୍କୁ ଅତି ସରଳ ଭାବରେ କହିଲେ, "ମୁଁ ହିଁ ଗାନ୍ଧୀ ଅଟେ । କୁହନ୍ତୁ ଆପଣ କ'ଣ କହିବାକୁ ଚାହାନ୍ତି ?" ପ୍ରାଧ୍ୟାପକ ମହୋଦୟ ଆଶ୍ଚର୍ଯ୍ୟ ହୋଇ ତାଙ୍କୁ ଦେଖିବାକୁ ଲାଗିଲେ ଏବଂ ତାଙ୍କର କଥା ବନ୍ଦ ହୋଇଗଲା । ସେ ଚିନ୍ତା କରିବାକୁ ଲାଗିଲେ ଯେ ଏ ନିଶ୍ଚୟ ମହାନ ଅଟନ୍ତି । ଏପରି ଶ୍ରମନିଷ୍ଠା ଦେଖି ସେ ଗାନ୍ଧିଜୀଙ୍କୁ ପ୍ରଣାମ କଲେ ଓ ଫେରିଗଲେ ।

**କୁମୁଦିନୀ ମଲ୍ଲିକ**
ଷଷ୍ଠ ଶ୍ରେଣୀ,
ନିମଖଣ୍ଡି ସେବାଶ୍ରମ, ଗଞ୍ଜାମ

# ଜହ୍ନ ମାମୁଁ

ଜହ୍ନ ମାମୁଁ ମୋତେ ଭାରି ଭଲ ଲାଗେ
ଗ୍ଡହିଁ ରହେ ତାଙ୍କୁ ନିତି,
ଜାଣିପାରେନି ମୁଁ କେତେ ବେଳେ ବଡ଼
କେବେ ହୁଏ ସାନ ଅତି ।

ସେହି ଝରଝର ଜୋଛନାର ଫୁଲ
ଓଠୁଁ ଝରିଯାଏ ହସ ।
ଗୀତ ବୋଲି ବୋଲି ଡାକୁଥାଏ ସିନା
ଆସ ଜହ୍ନ ମାମୁ ଆସ ।

ମୋ ସାଥୀରେ ଆସ ଖେଳିବ ହେ ମାମୁ
ଗପ କରିବ ମୋ ସାଥେ,
ରଜାଘର କଥା ଭୂତପ୍ରେତ କଥା
ବୋଲି ଦେବ ଗୀତ କେତେ ।

ପାଖକୁ ଆସିଲେ ହସି ଉଠିବି ମୁଁ
ହସିବ ମୋ ଦେହ ମନ,
ପଗ୍ଡରିବି ମୁଁ ଯେ କାହିଁକି ରହିଛି
ଆକାଶେ ଦୂର ଯୋଜନ ।

କିଏ ତୁମ ପିତା କିଏ ତୁମ ମାତା
କିଏ ସାଥୀ ସହୋଦର
ଆମରି ରାଇଜେ ରହୁ ନାହଁ କିଆଁ
ଆକାଶେ କରିଛ ଘର ।

ମୁଁ ପରା ତୁମର ସ୍ନେହର ଭଣଜା
ମମତାରେ କର ଉଣା
କେମିତି ଯେ ତୁମେ ହୋଇଲ ମୋ ମାମୁ
ନାହିଁ ପରା ମୋତେ ଜଣା ।

ଆସିଲେ ଏଠାକୁ କହିବ ବୁଝାଇ
ଯିବି ତୁମ ସାଥେ ବୁଲି
ଅଜା ଆଇ ସାଥେ ହେବି ଗେହ୍ଲା ଥଟ୍ଟା
କରିବିନି ଜମା କଳି ।

**ରେଣୁ କୁମାରୀ ଜେନା**
ପଞ୍ଚମ ଶ୍ରେଣୀ, କାନସାରଲା ସେବାଶ୍ରମ



# ଗୋଟି ଗୋଟି କରି ହୁଏ କୋଟିଏ

ମିଶିଲେ ବିନ୍ଦୁଏ ବିନ୍ଦୁଏ,
ପାଣି ହୋଇଯାଏ ସିନ୍ଧୁଏ ।
ସଞ୍ଚିଲେ ଗୋଟିଏ ଗୋଟିଏ,
ଟଙ୍କା ହୋଇଯାଏ କୋଟିଏ ।
ପଢ଼ିଲେ ଅଳପ ଅଳପ,
ଜ୍ଞାନରେ ଜିଣିବ ଜଗତ ।
ଦିନକୁ କବିତା ଗୋଟିଏ,
ଡେଇଁବ ତିନିଶ ଷାଠିଏ
ବୁଣିଥିଲେ ଧାନ ମୁଠିଏ,
ଅମଳ ହୋଇବ ବାଟିଏ ।
ସରିଯାଏ କାମ କରିଲେ,
ବାସଇ ଚନ୍ଦନ ଘୋରିଲେ ।
ସବୁ ମନ ଯଦି ମିଶିବ,
ସୁଖରେ ଏ ଦେଶ ଭାସିବ ।
ଆସ ହେ ବାଳକ, ବାଳିକା,
ଆମେ ସବୁ ନବ କଳିକା ।
ଆସ ଆମେ ସବୁ ମିଶିବା,
ହସାଇ ସର୍ବିଙ୍କୁ ହସିବା ।

**ସନ୍ତୋଷ କାର୍ଯୀ**
ପଞ୍ଚମ ଶ୍ରେଣୀ, ଗୌଡୁଣୀ ସରକାରୀ ଆଶ୍ରମ ସ୍କୁଲ, ଗଞ୍ଜାମ



**କୁମାରୀ ପ୍ରିୟଙ୍କା ଭୋଇ**, ସରକାରୀ ଉଚ୍ଚ ବିଦ୍ୟାଳୟ, କଂସର



**କୁମାରୀ ଲକ୍ଷ୍ମୀ ପୂର୍ତ୍ତୀ**, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ରେବଣାପଲାଶପାଳ, କେନ୍ଦୁଝର

# ପ୍ରକୃତ ବନ୍ଧୁ

ହରିପୁର ନାମକ ଛୋଟିଆ ଗାଁଟିଏ ଥିଲା । ସେହି ଗ୍ରାମରେ ଦୁଇ ଜଣ ସାଙ୍ଗ ଥିଲେ । ବାଲ୍ୟାବସ୍ଥାରେ ହିଁ ଦୁହେଁ ଦୁହିଁଙ୍କୁ ଭଲ ପାଉଥିଲେ । ସେମାନେ ହେଲେ ମଧୁ ଏବଂ ଶ୍ୟାମ । ଶ୍ୟାମ ମାତୃପିତୃହୀନ । ସେ ଖଣ୍ଡିଏ ଘାଳ ଘରେ ରହୁଥିଲା । ମଧୁର ବାପା ସେହି ଗ୍ରାମର ଜଣେ ସୁଖ୍ୟାତ ଜମିଦାର । ଶ୍ୟାମ ଓ ପୁଅର ସଂପର୍କ ନିବିଡ଼ ଥିବା ଶୁଣି ଜମିଦାରଙ୍କ ତାଙ୍କ ପ୍ରତି ଖରାପ ମନୋଭାବ ଜାତ ହେଲା । ପ୍ରଧାନଶିକ୍ଷକ ଗ୍ରାମର ମୁଖିଆଙ୍କୁ ଦୁଇ ବନ୍ଧୁଙ୍କ କଥା କହିଲେ । ମୁଖିଆ ମଧ ଦୁଇ ଜଣଙ୍କୁ ଅତି ପ୍ରିୟ ହିସାବରେ ଦେଖୁଥିଲେ । ସେ ଆନନ୍ଦିତ ହୋଇ ଦୁଇ ଜଣ ଭବିଷ୍ୟତରେ ଭଲ ମଣିଷ ହେବେ ବୋଲି କହିଲେ । ଦୁଇ ଜଣଙ୍କ ସଂପର୍କ ଦିନକୁ ଦିନ ନିବିଡ଼ ହେବାରେ ଲାଗିଲା । ଏକାଠି ବସି ଖାଆନ୍ତି, ଏକାଠି ବସି ପାଠ ପଢ଼ନ୍ତି ।  କେହି କାହାକୁ ଛାଡ଼ି ରହି ପାରନ୍ତି ନାହିଁ । ଦୁହେଁ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲେ । ଗାଁ ମୁଖିଆ ଦୁହିଁଙ୍କୁ ଘରକୁ ଡାକି ପୁରସ୍କାର ହିସାବରେ କିଛି ଅର୍ଥ ପ୍ରଦାନ କଲେ । ଶ୍ୟାମକୁ ଟିକିଏ ଅଧିକ ଅର୍ଥ ଦେବାରୁ ଶ୍ୟାମ ମନା କରି ଦେଲା ଏବଂ କହିଲା, "ମଧୁକୁ ଯେତିକି ଟଙ୍କା ଦେଇଛ ମୁଁ ତା'ଠାରୁ ଅଧିକ ନେଇ ପାରିବି ନାହିଁ ।" ତା'ପରେ ମୁଖିଆ ବୁଝି ପାରିଲେ ଯେ ଦୁହେଁ ପ୍ରକୃତରେ ବନ୍ଧୁ । ସେଠାରୁ ତାଙ୍କୁ ଧନ୍ୟବାଦ୍ ଦେଇ ବିଦାୟ ଦେଲେ । ଏହିସବୁ ଘଟଣା ଦେଖି ମଧୁର ବାପା ମଧୁଙ୍କୁ ଶ୍ୟାମ ସହିତ ନ ମିଶିବା ପାଇଁ କହିଲେ । କିନ୍ତୁ ମଧୁ ସେହି କଥାକୁ କର୍ଣ୍ଣପାତ ନ କରି ସବୁଦିନ ପରି ଶ୍ୟାମ ପାଖକୁ ଗଲା । ପରେ ତାକୁ ବାପା ବନ୍ଦ କରି ରଖିଲେ । ଶ୍ୟାମ ମଧୁର ଅନୁପସ୍ଥିତି ସହ୍ୟ କରିନପାରି ମଧୁ ଘରକୁ ଗଲା ଏବଂ କବାଟ ବାଡ଼େଇଲା କିନ୍ତୁ ତା'କଥା କେହି ଶୁଣିଲେ ନାହିଁ । ସେ ମନ ଦୁଃଖରେ ଘରକୁ ଫେରିଲା । ପ୍ରିୟ ବନ୍ଧୁ ମଧୁ କଥା ଭାବିଲା । ଏହିପରି ମଧୁ କଥା ଭାବି ଭାବି ତା'ର ଦେହ ଦୁର୍ବଳ ହୋଇଗଲା ଏବଂ ଆସ୍ତେ ଆସ୍ତେ ଶ୍ୟାମର ମଧ୍ୟ ଦେହ ଖରାପ ହୋଇଗଲା । ଜଣେ ପଡ଼ୋଶୀ ତା'ର ସେବା କରିବା ସତ୍ତ୍ୱେ ଦେହ ଭଲ ହେଲାନାହିଁ । ତା'ପରେ ମଧୁକୁ ଖବର ଦିଆଗଲା । ମଧୁ ଖବର ପାଇବାମାତ୍ରେ ଘରୁ କୌଣସି ମତେ ବାହାରି ଆସିଲା ଏବଂ ଶ୍ୟାମ ପାଖକୁ ଗଲା । ସେତେବେଳେ ଶ୍ୟାମର ଦେହ ବହୁତ ଖରାପ ହୋଇଯାଇଥିଲା ଏବଂ ସେ ଦୁର୍ବଳ ହୋଇଥିଲା । ମଧୁ ତାହା ଦେଖି ଦୁଃଖରେ ଭାଙ୍ଗି ପଡିଲା ଏବଂ ତାକୁ ଡାକ୍ତରଖାନାକୁ ନେବା ପାଇଁ ମନସ୍ଥ କଲା । କିନ୍ତୁ ପାଖରେ କୌଣସି ପ୍ରକାର ଅର୍ଥ ନାହିଁ ତେଣୁ ସେ ମନ ଦୁଃଖରେ ବସି ପଡ଼ିଲା । ମନରେ ଭାବିଲା, ସେ ଗ୍ରାମ ମୁଖିଆ ପାଖରୁ କିଛି ଅର୍ଥ ଋଣ ଆଣି ଶ୍ୟାମର ଦେହ ଭଲ କରାଇବ ।

ସେ ତାହା ହିଁ କରିବା ପାଇଁ ଉଦ୍ୟତ ହେଲା, ଓ ଦୌଡ଼ିଯାଇ ମନ ଦୁଃଖରେ ଶ୍ୟାମର ଅବସ୍ଥା କଥା କହିଲା । ତୁରନ୍ତ ଶ୍ୟାମକୁ ଡାକ୍ତରଖାନାକୁ ନିଆଗଲା । ପରୀକ୍ଷାରେ ଜଣାଗଲା ଯେ ଶ୍ୟାମର ଦେହ ଶୀଘ୍ର ଭଲ ହେବ । ସପ୍ତାହେ ପରେ ଶ୍ୟାମର ଦେହ ସଂପୂର୍ଣ୍ଣ ଭଲ ହୋଇଗଲା । ତାପରେ ଶ୍ୟାମ ମୁଖିଆଙ୍କୁ କହିଲା, ମୁଁ ଆପଣଙ୍କଠାରେ ଚିରଦିନ ପାଇଁ ଋଣି ହୋଇଗଲି । ମୁଖିଆ କହିଲେ "ତୁମ ଦୁଇଜଣଙ୍କର ବନ୍ଧୁତା ଏଇଭଳି ସବୁଦିନ ରହିଥାଉ, ଏହାହିଁ ମୋର ଇଚ୍ଛା । ତା'ପରେ ଶ୍ୟାମ ଓ ମଧୁ ଘରକୁ ଫେରିଲେ ।

**ସୁନନ୍ଦନ ମଣ୍ଡଳ**
ଦଶମ ଶ୍ରେଣୀ,
ସରକାରୀ ଉଚ୍ଚ ବିଦ୍ୟାଳୟ, ତୁମ୍ବା



**କମଳ ହୁଇକା**, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପୋଲୁପାଲ

# ଅନ୍ତରେ ମୋର ଭରିଦିଅ ପ୍ରଭୁ

ଅନ୍ତରେ ମୋର ଭରିଦିଅ ପ୍ରଭୁ
ତୁମରି କରୁଣାଧାର,
ମହକି ଉଠୁ ମୋ ହୃଦ ମନ୍ଦିରେ
ମମତାର ପ୍ରତି ସ୍ୱର ।

ସତ୍ୟ-ଶାନ୍ତି-ଦୟା-ପର-ଉପକାରରେ
କଟି ଯାଉ ମୋର ଦିନ,
ସୁଖେ-ଅବା-ଦୁଃଖେ ଗାଉଥିବି ସଦା
ତବ ମନ୍ତ୍ର କରି ଧ୍ୟାନ ।

ଧନ-ସଂପଦରେ ମନ ମୋ ଲୋଡ଼େନା
ସବୁ କିଛି ଅକାରଣ,
ଅଳୀକ-ଜୀବନ କ୍ଷଣିକେ ଉଜୁଡ଼େ
ଯେବେ ଚାଲିଯାଏ ପ୍ରାଣ ।

ସବୁଠି ଦେଖୁଛି ତୁମରି ଶକତି
ଭକତିର ଦୀପ ଜାଳି,
ଟିକି ଫୁଲଟିଏ ସୁବାସ ବିତରି
ହସେ ନିଜ ରଙ୍ଗ ବୋଳି ।

ତୁମେ ତ ବିଶାଳ ଜଗତର ସ୍ରଷ୍ଟା
ଆଚମ୍ବିତ କଥା ଏଇ,
ମୋ ନେତ୍ର ପଖାଳେ ନିତ୍ୟ ନିରନ୍ତରେ
ତୁମ ଗୁଣ ଗାଇ ଗାଇ ।

**ପ୍ରଭାତୀ ଦାସ**
ପଞ୍ଚମ ଶ୍ରେଣୀ, ସନ୍ତୋଷପୁର ସେବାଶ୍ରମ, ଗଞ୍ଜାମ




**ଅମିତ କୁମାର ମାରାଣ୍ଡି**, ସରକାରୀ ଉଚ୍ଚ ବିଦ୍ୟାଳୟ, ବାସିପିଠ, ମୟୂରଭଞ୍ଜ

# ଗଞ୍ଜା ତିନିଥର ରଡ଼େ କାହିଁକି ?

ବହୁତ ଦିନ ତଳର କଥା, ଗଞ୍ଜାର ଖୁବ୍ ସୁନ୍ଦର ଲାଞ୍ଜଟିଏ ଥିଲା । କଳା ମିଶା ଆକାଶୀ ରଂଗର ଚେକା ଚେକା ଫୁଲ ଫୁଟା ସୁନ୍ଦର କାରୁକାର୍ଯ୍ୟ ଭରା ଲାଞ୍ଜ ।

ମୟୂରର ଏଭଳି ମନଲୋଭା ଲାଞ୍ଜଟିଏ ମଧ ନଥିଲା । ତେଣୁ ସେ ଗଞ୍ଜାକୁ ସର୍ବଦା ଇର୍ଷା କରୁଥିଲା ।

ଦିନେ ସକାଳେ ମୟୂର ଗଞ୍ଜା ଘରକୁ ଗଲା । ତା' ଘର ଦୁଆର ମୁହଁରେ ପହଞ୍ଚି ଡାକ ଛାଡିଲା : ଗଞ୍ଜା ଭାଇ ମତେ ଟିକେ ତୋ ଲାଞ୍ଜ ଧାର ଦିଅନ୍ତୁନି ? ଆଜି ମୋର ଗୋଟିଏ ବାହାଘରକୁ ଭୋଜି ଖାଇ ଯିବାର ଅଛି ।ଏକଥା ଶୁଣି ଗଞ୍ଜା କହିଲା, ବାଃ, କି ସୁନ୍ଦର କଥା ? ଲାଞ୍ଜ କ'ଣ କାହାକୁ ଧାରରେ ଦିଆଯାଏ ? ମୟୂର କହିଲ, "ଗଞ୍ଜା ଭାଇ, ମୁଁ କଥା ଦେଉଛି, ଠିକ୍ ସମୟରେ ତୁମକୁ ତମ ଲାଞ୍ଜ ନିଶ୍ଚୟ ଫେରାଇ ଦେବି । ପଗ୍ଧରିଲା - "କେତେବେଳେ" ? ମୟୂର କହିଲା, "ମୁଁ ଭୋଜି ଖାଇ ଫେରି ଆସିଲେ ସଙ୍ଗେ ସଙ୍ଗେ ଫେରାଇ ଦେବି ।" "କେତେବେଳେ ଭୋଜି ଖାଇ ଫେରିବ" ? ମୟୂର କହିଲା, "ଠିକ୍ କହି ପାରୁନି । ତେବେ ବାହାଘର କାମ ସରିଲା ପରେ ସଂଧ୍ୟା ନତୁବା ଅଧରାତି ବେଳକୁ ଫେରାଇ ଦେବି ।" "ଠିକ୍ ଅଛି । ବେଶୀ ଡେରି ଯେମିତି ନହୁଏ । ନଚେତ୍ ମୋ ସ୍ତ୍ରୀ ମୋର ଲାଞ୍ଜ ନ ଥିବାର ଦେଖିଲେ ବିରକ୍ତ ହେବ ।" - ଗଞ୍ଜା ବୁଝାଇ କହିଲା ।


ମୟୂର ରାଣ ଖାଇଲା ଏବଂ କହିଲା - "ମୁଁ ଯଥା ସମୟରେ ଲାଞ୍ଜ ଆଣି ଫେରାଇ ଦେବି ।"

ଗଞ୍ଜାର ଲାଞ୍ଜ ଆଣି ମୟୂର ନିଜ ଲାଞ୍ଜରେ ଲଗାଇ ସେଠାରୁ ପଳାଇ ଆସିଲା । ଏଣେ ସଂଧ୍ୟା ମାଡ଼ି ଆସିଲା । ଲାଞ୍ଜ ଚିନ୍ତାରେ ଗଞ୍ଜାକୁ ନିଦ ଆସୁ ନ ଥାଏ । ଠିକ୍ ଶୋଇ ପାରୁନଥାଏ ବିଚରା । ସଂଧ୍ୟା ଯାଇ ମଧରାତ୍ର ହେଲା, ମଧରାତ୍ର ଯାଇ ସକାଳ ହେଲା ତଥାପି ମୟୂରର ଦର୍ଶନ ମିଳିଲା ନାହିଁ । ଏଣୁ ମୟୂର ଉପରେ କ୍ଷୁବ୍ଧ ହୋଇ ଗଞ୍ଜା ତିନି ଥର ବଡ଼ ପାଟିରେ ଚିତ୍କାର କଲା ।

ସେହି ଦିନଠାରୁ ଗଞ୍ଜା ତିନି ଥର ରଡ଼େ ବୋଲି ଲୋକମାନେ କହନ୍ତି ।

**ମୁକ୍ତା ଶବର**
ପଞ୍ଚମ ଶ୍ରେଣୀ,
ବାଦପଲ୍ଲୀ ୟୁ.ପି. ସେବାଶ୍ରମ, ଖଲିକୋଟ





## ତୁମ ପାଇଁ ଗୀତ

ନିମ୍ବ ପତର ପିତା
ଧରିଥା କଲମ ଖାତା
ଗୁରୁ କଥା ମାନି ପଢ଼ିଲେ ପାଠ,
ହେବୁରେ ଜଗତ ଜିତା ।


ଗରମ ଗରମ ଭାତ,
ଖାଇଲେ ଦେହକୁ ହିତ ।

ଘୁମୁ ଘୁମୁ ଡ଼ାକେ ପାରା,
ଦେଖିବା ଯାନି ଯାତରା ।

ଡେଇଁବାରେ ଆମେ ଫକ୍‌ଫକ୍
ଖେଳିବା ଲୁଚ କାଳି,
ଆସୁଛି ଶୀତ ଛୁଟି ବୋଲିକା
ମାରୁଛୁ କିଆଁ ତାଳି ।

ଛୁଟି ନୁହେଁ ଭୋଗ କରିବା ପାଇଁ
ଭୋଗ ଆଣିଦିଏ ରୋଗରେ ଭାଇ ।
କର୍ମଠ ଯିଏ ସେ ହୁଏ ସଫଳ,
ଅକର୍ମା ଜୀବନ ସଦା ବିଫଳ ।

**ଗୌରାଙ୍ଗ ଶବର**
ଷଷ୍ଠ ଶ୍ରେଣୀ,
ଗୌଡୁଣୀ ଆଶ୍ରମ ବିଦ୍ୟାଳୟ, ଗୌଡୁଣୀ, ଗଞ୍ଜାମ



## ସ୍ୱାସ୍ଥ୍ୟ

ସ୍ୱାସ୍ଥ୍ୟ ଅଟେ ବଡ଼ ଧନ ଏ ଜଗତେ
କରିବା ତାକୁ ସଞ୍ଚୟ,
ସ୍ୱାସ୍ଥ୍ୟ ବଳେ ଏହି ମନୁଷ୍ୟ ଜୀବନ
ହୁଏ ଅତି ସୁଖମୟ ।

ଚଞ୍ଚଳେ ଖାଇବା ଚଞ୍ଚଳେ ଶୋଇବା
ଚଞ୍ଚଳେ ଉଠିବ ନିତି,
ଗୁରୁଜନଙ୍କର ପାଦେ ମନ ଦେଇ
ଗାଇବା ତାଙ୍କର ଗୀତି ।

ନିତି ନିତି ସଞ୍ଜ ସକାଳେ ଦେହକୁ
କରୁଥିଲେ ପରିଷ୍କାର,
ସୁନା ପିଲା ବୋଲି ପିତା, ମାତା କେତେ
କରିବେ ମୋତେ ଆଦର ।

ଦରପଣ ପରି ମନକୁ
କରିବା ସ୍ୱଚ୍ଛ ଆଉ ନିରିମଳ,
ଈଶ୍ୱରଙ୍କ ପାଦେ ମନ ଦେଇଥିବା
ଖେଳୁଥିବା ଧର୍ମ ଖେଳ ।

ଲୁଗା -ପୋଥି-ପେଡ଼ି, ଘର-ଦାଣ୍ଡ-ବାଡ଼ି
ରଖୁଥିବା ନିରିମଳ,
ସ୍ୱାସ୍ଥ୍ୟ ପାଇଁ ଆମ୍ଭେ ସାବଧାନ ହେଲେ
ଦେହକୁ ଆସିବ ବଳ ।

**ରିତୁମା ପ୍ରଧାନ**
ପଞ୍ଚମ ଶ୍ରେଣୀ, ଦର୍ପଙ୍ଗିଆ ଆଶ୍ରମ ସ୍କୁଲ


# ବୁଝିବିଚାରି କାର୍ଯ୍ୟ କର ?

ଗୋଟିଏ ରାଜ୍ୟରେ ଥାନ୍ତି ଜଣେ ରାଜା । ତାଙ୍କର ଗୋଟିଏ ଶୁଆ ଥାଏ । ତାର ଗୁଣ ଅଦ୍ଭୁତ । ସେ ଲୋକଙ୍କ କଥା ବୁଝି ପାରେ ଓ କହିପାରେ । ରାଜା ବେଳେ ବେଳେ ତାକୁ ବୁଲିବାକୁ ଛାଡ଼ି ଦିଅନ୍ତି ।

ଦିନେ ସେ ବୁଲୁବୁଲୁ ନିଜର ପିତାମାତାଙ୍କୁ ଦେଖିଲା । ସେମାନେ ତାକୁ ଦେଖି ବହୁତ ଖୁସି ହେଲେ ଏବଂ ଗୋଟିଏ ସପ୍ତାହ ରହିବାକୁ କହିଲେ । ସେ କହିଲା ରାଜାଙ୍କ ବିନା ଅନୁମତିରେ ମୁଁ ରହିପାରିବି ନାହିଁ । ଶୁଆଟି ଫେରି ଆସି ରାଜାଙ୍କୁ ସେ କଥା କହି ଅନୁରୋଧ କଲା ।

ରାଜା ତାକୁ ସପ୍ତାହକ ପାଇଁ ଛୁଟି ଦେଲେ । ସେ ଆନନ୍ଦରେ ପିତାମାତାଙ୍କସହ ଖୁସିରେ ରହିଲା ଫେରିବା ସମୟରେ ତା' ପିତାମାତା ରାଜାଙ୍କ ପାଇଁ ଅମୃତ ଫଳ ଦେଲେ । ଏ ଫଳଟି ଯିଏ ଖାଇବ ସେ ଯୌବନ ଲାଭ କରିବ । କେବେ ବୁଢ଼ା ହେବ ନାହିଁ । ଶୁଆପକ୍ଷୀ ଫଳଟି ଧରି ରାଜପ୍ରସାଦକୁ ଫେରି ଆସିବା ବାଟରେ ରାତି ହୋଇଗଲା । ତେଣୁ ଏକ ବୃକ୍ଷ କୋରଡରେ ଫଳଟିକୁ ରଖି ଦେଇ ସେ ବୃକ୍ଷରେ ବିଶ୍ରାମ କଲା । ସେହି କୋରଡରେଏକ କାଳସର୍ପ ଥାଏ । ସେ ଫଳଟିକୁ ଦନ୍ତାଘାତ ଦ୍ୱାରା ବିଷାକ୍ତ କରିଦେଲା । ଶୁଆ ଏକଥା ଜାଣି ପାରିଲା ନାହିଁ । ସେ ସକାଳୁ ଉଠି ଫଳଟି ଥଣ୍ଟରେ ଧରି ରାଜଭବନରେ ତାହାର ଅଦ୍ଭୁତ ଗୁଣ କହିଲା । ରାଜା ଫଳଟିକୁ ପାଇ ଭାରି ଖୁସି ହେଲେ । ସେ ଏହାକୁ ଖାଇବାକୁ ବାହାରିଲେ । କିନ୍ତୁ ମନ୍ତ୍ରୀ କହିଲେ, "ଫଳଟି ପ୍ରଥମେ ପରୀକ୍ଷା କରିବା ଉଚିତ୍ । ଫଳରୁ ଖଣ୍ଡେ କାଉକୁ ଦିଆଗଲା । କାଉ ଏହାକୁ ଖାଇବା ସଙ୍ଗେ ସଙ୍ଗେ ମରିଗଲା । ରାଜା ସଙ୍ଗେ ସଙ୍ଗେ ତାଙ୍କ ଶୁଆକୁ ମାରିଦେଲେ । ସେହି ଫଳଟିକୁ ଭୂଇଁରେ ପୋତି ବାଡ଼ ଦିଆଗଲା । କିଛି ଦିନ ପରେ ସେଠି ଗୋଟିଏ ଗଛ ହେଲା ଏବଂ ବଡ଼ ହୋଇ ସେଥିରେ ଫଳ ହେଲା । ସେ ଗଛ ନାଁ ଦିଆଗଲା ବିଷଗଛ । ତାକୁ କେହି ଖାଇବ ନାହିଁ । ଯିଏ ଖାଇବ ମରିବ । ସେହି ରାଜ୍ୟରେ ଗୋଟିଏ ଗରିବ ବ୍ରାହ୍ମଣ ଥିଲେ । ଅନେକ ଦିନ ତାକୁ ଖାଇବାକୁ ମିଳେ ନାହିଁ । ଦିନେ ସେହି ବ୍ରାହ୍ମଣ ଓ ତା'ର ସ୍ତ୍ରୀ ଭୋକ ସମ୍ଭାଳି ନ ପାରି ଆତ୍ମହତ୍ୟା କରିବାକୁ ସ୍ଥିର କଲେ । ରାଜାଙ୍କ ବିଷଗଛରୁ ବିଷ ଫଳ ଆଣି ଖାଇଲେ । ଆଶ୍ଚର୍ଯ୍ୟ କଥା ମୃତ୍ୟୁ ପରିବର୍ତ୍ତେ ଦେହରେ ଅଦ୍ଭୁତ ପରିବର୍ତ୍ତନ ଦେଖି ସେମାନେ ଅବାକ୍ ହୋଇଗଲେ । ରାଜାଙ୍କ କାନକୁ ଏକଥା ଗଲା । ରାଜା ଏହି କଥା ଶୁଣି ଅତି ଦୁଃଖରେ କହିଲେ ମୁଁ ଭଲ ଭାବେ ଅନୁସନ୍ଧାନ ନ କରି କାହିଁକି ଉପକାରୀ ଶୁଆ ପକ୍ଷୀକୁ ମାରିଦେଲି । ଏଥିରୁ ଜାଣିବାକୁ ହେଲା କାହାକୁ ଦଣ୍ଡ ଦେବା ପୂର୍ବରୁ ଭଲ ଭାବେ ଅନୁସନ୍ଧାନ କରିବା ଉଚିତ୍ ।

**କୁମାରୀ ତପସ୍ୱିନୀ ଦେହୁରୀ**
ସପ୍ତମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ରେବଣା, ପଳାଶପାଳ



**ଶ୍ରୀ ଗୁଲା ମୁର୍ମୁ,** ଖଇରବାଣୀ ଆଶ୍ରମ ସ୍କୁଲ, ମୟୂରଭଞ୍ଜ

# ମୋ ଆଶ୍ରମ ବିଦ୍ୟାଳୟ

ଆଶ୍ରମ ବିଦ୍ୟାଳୟ ଅଟଇ ଆମର
ଆଦର୍ଶ ବିଦ୍ୟାମନ୍ଦିର,
ଆମ୍ଭେମାନେ ସବୁ ଛୋଟ ଛୋଟ କଢ଼ି
ଶିକ୍ଷକ ମାଳି ଆମର ।

ଗଢ଼ା ହୋଇଅଛି ସଡ଼କ ପାର୍ଶ୍ୱରେ
ସମୀପେ ବଣର ଶୋଭା,
ଆମ୍ବଗଛଲତା କୁସୁମେ ପୂରିତ
ପରିବେଶ ତାର ଲୋଭା ।

ଘେରି ପଟେ ତାର ପାହାଡ଼ ଓ ବନ
ଶିଶୁ, ଶାଳ, ଶାଗୁଆନ,
ନଡ଼ିଆ, କଦଳୀ ପିଜୁଳି, ପଣସ
ସ୍କୁଲ ମଧ୍ୟେ ଅବସ୍ଥାନ ।

ନାନା ପୁଷ୍ପ ବୃକ୍ଷେ ଭରି ରହିଅଛି
ଶିଶୁଙ୍କର ଅବଦାନେ,
ଗୁରୁଙ୍କ ପ୍ରେରଣା ରକ୍ଷା କରି ସର୍ବେ
କାର୍ଯ୍ୟ କରନ୍ତି ସମାନେ ।

ଦୂର ନିକଟରୁ ଆସିଛୁ ସଭିଏଁ
ଭେଦଭାବକୁ ନ ରଖି,
ପରିବାରଭଳି ଚଳୁଅଛୁ ଆମେ
କେବେ ନ ହେଉଛୁ ଦୁଃଖୀ ।

ଶିକ୍ଷକ ଆମର ଆଇନା ପରିକା
ଆମ୍ଭେମାନେ ଅଟୁ ଛବି,
ଆପଣାର କରି ଆଶିଷ ଦିଅନ୍ତି
ବିଭୁଙ୍କ ସନ୍ତାନ ଭାବି ।

**ରିନା ନାୟକ**
ସପ୍ତମ ଶ୍ରେଣୀ,
ସରକାରୀ ଆଶ୍ରମ ବିଦ୍ୟାଳୟ, ସାବା

# ଭଲ ଲାଗେ

ଭଲ ଲାଗେ ଶୁଣେ ମାଆର ମମତା
ସ୍ନେହ ଭୋଳା ପଦେ କଥା,
ମାଆର ପଣତ ତଳେ ରହିଥିଲେ
ମନୁ ଦୂର ହୁଏ ବ୍ୟଥା ।

ଭଲ ଲାଗେ ଦେଖି ଆକାଶ ତାରାକୁ
ମିଞ୍ଜି ମିଞ୍ଜି ହସୁ ଥିଲେ,
ପୁନେଇଁ ରାତିରେ ଜହ୍ନ ଆଲୁଅରେ
ଜହ୍ନ ମାମୁ ଦିଶୁଥିଲେ ।

ଭଲ ଲାଗେ ଶୁଣି ପକ୍ଷୀର କାକଳି
ଝରଣାର କଳ ନାଦ,
ଘୋର ଅରଣ୍ୟରେ ବୃକ୍ଷ ଲତା ସାଥେ
ଜୀବଜନ୍ତୁ ରାବ ଶବ୍ଦ ।

ଭଲ ଲାଗେ ଆହା ମଧୁର ସଙ୍ଗୀତ
ରାଗ, ତାଳ, ଲୟ ଥିଲେ,
ଦକ୍ଷିଣ ଦିଗରୁ ମଳୟ ପବନ
ଝୁରୁ ଝୁରୁ ବହୁ ଥିଲେ ।

ଭଲ ଲାଗେ ମାତୃଭାଷା ପଢ଼ିବାକୁ
ଆଉ ସବୁ ଅଟେ ପର,
ଗୋଲାପ ଫୁଲଟି କେତେ ଯେ ସୁନ୍ଦର
ନାହିଁ ତ ତୁଳନା ତାର ।

ଉତ୍ତମ ଚରିତ୍ର, ସତ୍ୟ ଓ ଅହିଂସା
ଅଟଇ ଅମୂଲ୍ୟ ଧନ,
ଦେଶ ପାଇଁ କଥା ଗାଇବା ଗର୍ବିଁ
କରି ଜୟ ଜୟ ଗାନ ।

ଉତ୍ତମ ସ୍ୱଭାବେ ଉତ୍ତମ ଚରିତ୍ର
ମଣିଷକୁ ବଡ଼ କରେ,
ସଂସାର ବୃକ୍ଷରେ ଦୁଇଟି ଶାଖାରେ
ସୁନାମ ଫଳଟି ଫଳେ ।

କେହି ରହିନାହିଁ ରହି ନ ପାରିବ
ଭବରଙ୍ଗ ଭୂମି ତଳେ,
ଚରିତ୍ରବାନ ଯେ ରହଇ ଅମର
ନାହିଁ ଥାଏ କାଳେ କାଳେ ।

**ଗୀତାଞ୍ଜଳି ନାୟକ**
ଦଶମ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ରେବଣା, ପଳାଶପାଳ



# ଭଲ ବ୍ୟକ୍ତିଙ୍କର ମୃତ୍ୟୁ

ଶ୍ରୀଯୁକ୍ତ ଯଯାତି କେଶର ସାହୁ, ସେ ଜଣେ ଭଲ ମଣିଷ ଥିଲେ । ନେତା କହିଲେ ଚଳେ । ତାଙ୍କର ଗ୍ରାମ ବାଇଲା । ସେ ସେଠାରେ ବାସ କରନ୍ତି । ସମସ୍ତଙ୍କୁ ଭଲ ପାନ୍ତି, ସ୍ନେହ କରନ୍ତି, ଏଣୁ ଗ୍ରାମର ଲୋକମାନେ ତାଙ୍କୁ ମଧ୍ୟ ଭଲ ପାଆନ୍ତି ।

ସେ ଲୋକମାନଙ୍କ ଘର ଓ ରାସ୍ତା କରାଇଲେ । ଆଉ କେତେକ ଗ୍ରାମରେ ଘର ଅଧା ହୋଇଥିବ; ଆଉ କେତେକ ଗ୍ରାମରେ ଫାଉଣ୍ଡେସନ୍ ଅଧା ହୋଇଥିବ, ରାସ୍ତା ମଧ୍ୟ ଅଧା ହୋଇଥିବ ଏମିତି ଚାଲିଲା । ତାହା ପରେ ଧିରେ ଧିରେ ରାସ୍ତା, ଘର ସବୁ ହୋଇଗଲା ।

ଶେଷରେ ଚିନ୍ତାଲୁ ଗୁଡ଼ା, ଚକ୍ରଗୁଡ଼ା, ଏମିତି କେତେକ ଗ୍ରାମରେ କାମ ଆରମ୍ଭ ହେଲା । ସେହିଦିନ ସୋମବାର ଥାଏ । ଯଯାତି କେଶରୀ ସାହୁଙ୍କର ବାହାଘର ମଙ୍ଗଳବାର ଦିନ ହେବ । ସେଇଥି ପାଇଁ ତାଙ୍କ ଘର ଚାରିଆଡ଼େ ସେ ସଜାସଜି କରାଇଥିଲେ । କାମସାରିଲା ପରେ ଯିଏ ଯାହା ଘରକୁ ଚାଲିଗଲେ । ଯଯାତି କେଶରୀ ସେତେବେଳେ ଏକା ରହିଥିଲେ । ମଙ୍ଗଳବାର ଦିନ ରାତିରେ ନକ୍ସଲମାନେ ତାଙ୍କ ଘରକୁ ଆସିଲେ । ଯଯାତି କେଶରୀ ସାହୁ କହିଲେ ଯେଉଁ ଜିନିଷ ମାଗିଲେ ସେହି ଜିନିଷ ଦେବି । ମୋତେ ଛାଡ଼ିଦିଅ । ହେଲେ ମଧ୍ୟ ସେମାନେ ମାନିଲେ ନାହିଁ । ସେହିଦିନ ରାତିରେ ତାଙ୍କ ଘରର ଜିନିଷପତ୍ର ଫିଙ୍ଗା ଫିଙ୍ଗି କରି ଦେଲେ । ତାହା ପରେ ତାଙ୍କୁ ମାରି ଚାଲିଗଲେ । ମଙ୍ଗଳବାର ଦିନ ସକାଳେ ଗୋଟିଏ ବ୍ରାହ୍ମଣ ଯଯାତି କେଶରୀଙ୍କ ଘରକୁ ଗଲା, ସେ ଦେଖିଲା ଜିନିଷପତ୍ର ସବୁ ଫୋପାଡି ଦେଇଛନ୍ତି । ତା'ପରେ ଆଉ ଗୋଟିଏ କୋଠରିକୁ ଯାଇ ଦେଖିଲା ଯଯାତି କେଶରୀଙ୍କର ମୃତ ଶରୀର ପଡ଼ି ରହିଛି ।

ସେ ଯାଇ ଗାଁର ଲୋକମାନଙ୍କୁ କହିଲା । ଏହା ଶୁଣି ଗାଁ ଲୋକ ଧାଇଁ ଆସିଲେ ଏବଂ ଆସି ଦେଖିଲାପରେ ସମସ୍ତେ ଦୁଃଖ କଲେ, କାରଣ ସେ ଥିଲେ ଜଣେ ଭଲ ଲୋକ । ସେ ସମସ୍ତଙ୍କର ସୁଖ ଚାହୁଁଥିଲେ । ସମସ୍ତେ ଦେଖି କାନ୍ଦିଲେ ଏବଂ ନାଇଲା ଗ୍ରାମରେ ବ୍ୟାଙ୍କ ପାଖରେ ତାଙ୍କ ପାଇଁ ମଣ୍ଡପ ବସେଇଲେ ।

ତେଣୁ ଏବେ ପ୍ରତ୍ୟେକ ଗ୍ରାମର ଲୋକମାନେ ନକ୍ସଲ କଥା ଶୁଣିଲେ ବହୁତ ରାଗି ଯାଆନ୍ତି । ନାଇଲା ଗ୍ରାମରେ ଏବେ ମଧ୍ୟ ସେହି ମହାପୁରୁଷଙ୍କର ମଣ୍ଡପ ରହିଛି । ତାଙ୍କର ମୃତ୍ୟୁ ଦିନକୁ ନାଇଲା ଗ୍ରାମର ଲୋକମାନେ ପୂଜା କରନ୍ତି । ବହୁତ ମନେ ପକାନ୍ତି ।

**ଲମ୍ବୋଦର ଶବର**
ଅଷ୍ଟମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁଜେନ୍ଦ୍ରୀ



**ସୁଦିପ୍ତ ରଞ୍ଜନ ପ୍ରଧାନ**
ସରକାରୀ ଉଚ୍ଚ ବିଦ୍ୟାଳୟ, ଦେଓଗଡ଼

## ଅନୁଭବ

ଜୀବନଟା ମୋର ଦୁଃଖର ପାହାଡ଼
ଲୁହ ଅଟେ ମୋର ଝରଣା,
ଯନ୍ତ୍ରଣା ମୋର ଆପଣାର ହେଲେ
ସହିବା ଗୁଣ ମୋ ଗହଣା ।
ଭଲ ମୁଁ ପାଉଛି ଏହି ଦୁନିଆରେ
ସଭିଁଙ୍କୁ କରିଛି ଆପଣା,
ବଦଳରେ ତା'ର ପାଇଛି କେବଳ
ଅପବାଦ ଆଉ ଛଳନା ।
କା ଆଗେ କହିବି ଦୁଃଖର କାହାଣୀ
ଶୁଣିବ ବା କେ କୁହନା ।
ସପନରେ ଖାଲି ବଞ୍ଚିଚି ମୁଁ ଆଜି
ଆଶଙ୍କା କରିଛି ବାହାନା ।

**ଭାଗ୍ୟଶ୍ରୀ ପାତ୍ର**
ନବମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ରେବଣା, ପଳାଶପାଳ



## ପରିବେଶ

ପରିବେଶ ଆମ ବହୁତ ସୁନ୍ଦର ତା ଲାଗି
ରହିଛି ଆମ ଏ ସଂସାର
ତା'ଠାରୁ ପାଉଛୁ ଫୁଲ, ଫଳ, ପତ୍ର
ଖରାବେଳେ ଛାଇ ଟିକେ
ବର୍ତ୍ତମାନ ଦେଖ କଳାକାରଖାନା
ଧୂଆଁରେ ପ୍ରଦୂଷିତ ପରିବେଶ
ନିଜ ବିପଦକୁ ନିଜେ ହିଁ ଡାକୁଛି ମଣିଷ
କରି ପରିବେଶ ପ୍ରଦୂଷଣ
ଗଛ ଲତା ସବୁ କାଟି ପକାଉଛି
କରୁଛି ନିଜ ଅଭାବ ପୂରଣ
ଜୀବନ କାଳରେ ଦଶଟି ଗଛକୁ ଯତ୍ନକରି
ରଖିଲେ କେତେଜଣ ପୂର୍ଣ୍ଣ ହୋଇବ
ଲଗାଇଲେ ଅବା ଅବସ୍ଥା ଯିବ ସୁଧୁରି ।

**ଲଳିତା ପ୍ରଧାଣ**
ନବମ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ରେବଣା, ପଳାଶପାଳ



**ଲଳିତା ଢ଼ୋଲକା**, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପାଲୁପାର

# ମୋ ମାଟି ମୋ ମାଆ

ଓଡ଼ିଶା ରାଜ୍ୟରେ ଆମର କନ୍ଧମାଳ ଜିଲ୍ଲା ଅନ୍ୟତମ । ଏଠାରେ ପର୍ବତଗୁଡ଼ିକ ଫୁଲପରି ଗୁନ୍ଥି ହୋଇ ରହିଛି ଏବଂ ଏଠାରେ ଅଧିକ ସଂଖ୍ୟକ କନ୍ଧ ବାସ କରୁଥିବାରୁ ଏହାକୁ କନ୍ଧମାଳ ବୋଲି କୁହାଯାଏ । କନ୍ଧମାଳର ସବୁଜ ସୁନ୍ଦର ପାହାଡ଼ ପର୍ବତ ପାଣି ପବନ ସବୁ ସୁନ୍ଦର । ଏହାରି ମମତାରେ ବାନ୍ଧି ହୋଇଛନ୍ତି, କନ୍ଧମାଳର ଆଦିବାସୀ ଓ ହରିଜନମାନେ ।


କନ୍ଧମାଳ ଗୋଟିଏ ମାଳ ଅଞ୍ଚଳ, ଯେଉଁ ଭଳି ସ୍ଥାନରେ, ଧରଣୀ ପେନୁ ପୂଜା ପାଉଛନ୍ତି; ଅର୍ଥାତ୍ ମାଟି ମାଆ ପୂଜା ପାଉଛନ୍ତି । କନ୍ଧମାଳର ସାଂସ୍କୃତିକ ପରମ୍ପରା ଓଡ଼ିଶାର ଅନ୍ୟ ଜିଲ୍ଲାମାନଙ୍କ ଠାରୁ ନିଆରା । ଏହାର ପ୍ରଭାବ ଗାଁ ଗହଳିରେ ଦେଖିବାକୁ ମିଳେ । ବର୍ତ୍ତମାନ ମଧ ସେଗୁଡ଼ିକୁ ଲୋକେ ପାଳନ କରୁଛନ୍ତି, ଯଥା - ଧରଣୀ ପୂଜା, କାନ୍ଦୁଲ ଯାତ୍ରା । କୋରୁକେଡୁ ଆଜି ଦେଶ ବିଦେଶରେ ପ୍ରଖ୍ୟାତ ହୋଇପାରିଛି ।

ଆମ ବାପ, ଅଜାବାପ, ଗୋସିବାପ ମାନେ କହନ୍ତି - ଆଗ କାଳରେ ଏ ମାଟିରେ ସୁନା ଫଳୁଥିଲା । କିନ୍ତୁ ଶିକ୍ଷା କ୍ଷେତ୍ରରେ ଆଗୁଆ ନଥିଲେ ମଧ ଏହା ସାଂସ୍କୃତିକ କ୍ଷେତ୍ରରେ ପଛୁଆ ନଥିଲା । ଆଉ ଗୋଟେ କଥା ମଧ ଗୋସି ବାପା କହିଥିଲେ ଯେ - "ମୋର ମାଟି ମାଆ ଯେବେ ରାଗିଯାଏ, ସେହି ବର୍ଷ ଭଲ ଫସଲ ହୁଏ ନାହିଁ କିମ୍ବା ବର୍ଷା ହୁଏ ନାହିଁ । ଫଳରେ, ମରୁଡ଼ି ଏହାର କାରଣ ହୋଇଥାଏ । ଏହି ଅଞ୍ଚଳରେ ଆଦିବାସୀ ଓ ହରିଜନ ଖାଇବାକୁ ନପାଇ ଡହକ ବିକଳ ହୁଅନ୍ତି । ତେଣୁ ସେମାନେ ଜାଣନ୍ତି ମାଟି ମା ରାଗି ଯାଇଛି । ମାଆଙ୍କୁ ଖୁସି କରିବା ପାଇଁ ଏହି ଅଞ୍ଚଳର ସମସ୍ତେ ମିଶି ବାଜା, ବାଜଣି, ସହ ହୁଳହୁଳି ଦେଇ କରତାଳି ମାରି ମାରି ନାଚ କରନ୍ତି ଏବଂ ପଶୁପକ୍ଷୀ ଦାନ କରନ୍ତି, ଫଳରେ ମାଟି ମାଆ ସନ୍ତୁଷ୍ଟ ହୋଇ ବର୍ଷା କରି ଭଲ ଫସଲ ଦେଇଥାନ୍ତି । ଏଠାରେ ଅନେକ ପ୍ରସିଦ୍ଧ ମନ୍ଦିର ଅଛି, - ଯଥା - ତୁମୁଡ଼ି ବନ୍ଧର ଜଲେଶ୍ ପଟ୍ଟା, ବାଲିଗୁଡ଼ାର ପାଟଖଣ୍ଡା ମନ୍ଦିର । ଠାକୁରାଣୀ ଓ ରାମ ମନ୍ଦିର ପାଇଁ ଫୁଲବାଣୀ ପ୍ରସିଦ୍ଧ ।

ଏହି କନ୍ଧମାଳ ମୋ ପାଇଁ ସ୍ୱର୍ଗ । ଏହି ମାଟିରେ ସୁନା ଫଳେ । ତେଣୁ ମୁଁ ସୁନାର ପୁଅ ହୀରା, କାରଣ ମୁଁ ସୁନା ମାଟିଠାରୁ ଜନ୍ମ ନେଇଛି ।

ଏଣୁ ମୁଁ ଶପଥ କରୁଛି - "ବଡ଼ ହେଲେ ମୋ ଜିଲ୍ଲା ପାଇଁ ଉନ୍ନତି ସାଧନ କରିବି ? କନ୍ଧମାଳ ଜିଲ୍ଲାକୁ ଏହି କୁନି ଟିକି ହାତରେ ବାସ୍ତବ ଦୁନିଆର ସ୍ୱାଦ ଚଖାଇବି ।

**ପଞ୍ଚୁକ ପରାସେଠ**
ସପ୍ତମ ଶ୍ରେଣୀ, ସରକାରୀ ଆଶ୍ରମ ବିଦ୍ୟାଳୟ, ବାଟାଗୁଡ଼ା



**ଛବିଳ ଦେହୁରୀ**, ସରକାରୀ ଉଚ୍ଚ ବିଦ୍ୟାଳୟ, ପାଲହେରା, ଅନୁଗୁଳ

# ଅଳିଆର ପିଲା

ସ୍କୁଲ ଫେରନ୍ତା ବାଟରେ ଦେଖିଲି
　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　　

ମୋରି ବୟସ ପିଲାଟିଏ,
ହାତ ଗୋଡ ସବୁ ପୁଣି ତା' ଶୁଖିଲା
ଦେହରେ ଛିଣ୍ଡା ଜାମାଟିଏ ।
ଭିକାରି ତ ହୁହେଁ ଜାଣିପାରିଲି ମୁଁ
ମାଗୁ ତ ନଥିଲା କାହାକୁ କିଛି,
ପଚାରିଲେ ତା'ର ନା' କି ଗାଁ
କହୁ ତ ନ ଥିଲା ତା ନା ଅଛି ।
କେଉଁ ଶ୍ରେଣୀରେ ପାଠ ପଢୁଛି କହିଲି
ମୁଣ୍ଡଟାକୁ ଦେଲା ସେ ହଲାଇ,
ପେଟ ପାଇଁ ସିଏ ପାଠ ପଢୁନାହିଁ
ହାତ ଠାରି ଦେଲା ବୁଝାଇ ।
ଜାଣିଲି ସେଦିନ କେତେବଡ଼ ପାଠ
ସେହି ପିଲା ସତେ ପଢୁଥିଲା,
ଅଳିଆରୁ ପିଲା ପେଟ ପାଇଁ ତା'ର
ପରିବେଶ ସଫା କରୁଥିଲା ।

**ଚିନ୍ମୟୀ ଦଣ୍ଡସେନା**
ନବମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ଜାଲେଣପଟା, କନ୍ଧମାଳ



# ନୂଆ ଦୁନିଆ

ଅକଲ ମକଲ ଟକଲ ଟିଆଁ,
ଆମେରେ ଗଢ଼ିବା ନୂଆ ଦୁନିଆ ।
ଯେଉଁ ଦୁନିଆରେ ସବୁ ସମାନ,
କେହି ନୁହେଁ ବଡ଼ କେ ନୁହେଁ ସାନ ।
ନୂଆ ଦୁନିଆରେ ନଥିବ କଳି,
ଚଳୁଥିବେ ଲୋକେ ସଭିଁଏ ମିଳି ।
ନଥିବ ବିବାଦ ଧର୍ମକୁ ନେଇ
ନଥିବ ବିବାଦ ମାଟିକୁ ନେଇ ।
ଶୋଷଣ କଷଣ ନଥିବ ସେଠି,
କେହି ଖଟିବେନି କାହାର ବେଠି ।
ନଥିବ ଅଭାବ ଦୁଃଖର ଚିହ୍ନ,
ସୁଖ ଓ ଶାନ୍ତିରେ କଟିବ ଦିନ ।
ଯେଝା ଯୋଗ୍ୟତାରେ ଯେଝା ଖଟିବେ,
ଯାହା ଆବଶ୍ୟକ ତାହା ପାଇବେ ।
ରହିବେନି କେହି ମୂରୁଖ ହୋଇ,
ମରିବେନି କେହି ଔଷଧ ପାଇଁ ।
ଅକଲ ମକଲ ଟକଲ ଟିଆଁ,
ବିପଦେ ହେବାନି କେବେ ଛାନିଆ ।
ଆମେରେ ମଣିଷ ଗୋଟିଏ ଜାତି,
ଗାଉଥିବା ଗୀତ ସାମ୍ୟର ଗୀତି ।



**ଗୀତାଞ୍ଜଳି ମଲ୍ଲିକ**
ନବମ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ଦହପାଣିଆ

# ଆପଣା ମହତ ଆପେ ରଖ

ବାସୁଦେବପୁର ବୋଲି ଗ୍ରାମଟିଏ । ସତ୍ୟଜିତ୍ ବୋଲି ପିଲାଥାଏ । ସେ ଭାରି ଗରିବ ଏବଂ ସେ ଶ୍ରେଣୀରେ ଭଲ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରେ । ତେଣୁ ଉକ୍ତ ଗ୍ରାମର ଲୋକମାନେ ଓ ଶିକ୍ଷକମାନେ ସତ୍ୟଜିତ୍‌କୁ ଜାଣନ୍ତି । ତାଙ୍କ ଗ୍ରାମରେ ଗୋଟିଏ ସରପଞ୍ଚ ଥିଲା । ସେହି ସରପଞ୍ଚର ରାଜୀବ ବୋଲି ଗୋଟିଏ ପୁଅ ଥିଲା । ସେ ପାଠପଢ଼ାରେ ଆଦୌ ମନ ଦିଏନାହିଁ । ଅନ୍ୟ ପିଲାମାନଙ୍କୁ ଘୃଣା ଭାବରେ ଦେଖେ ଏବଂ ଅନ୍ୟମାନଙ୍କର ଖାତାପତ୍ର ଆଣି ହଇରାଣ କରେ । ତେଣୁ ରାଜୀବ୍‌କୁ କେହି ଭଲ ପାଉନଥିଲେ । ଦିନେ ସରପଞ୍ଚ ପୁଅକୁ ପାଠ ପଢ଼ିବା ପାଇଁ ଭୁବନେଶ୍ୱରକୁ ପଠାଇଦେଲେ । ସରପଞ୍ଚ ଜାଣିପାରିଥିଲେ ଯେ ସତ୍ୟଜିତ୍ ଭଲ ପଢ଼େ । ସେ ଏହା ଦେଖି ସହ୍ୟ କରି ପାରୁନଥିଲା ।

ଥରେ ସରପଞ୍ଚର ପ୍ରରୋଚନାରେ ପଡ଼ି ସତ୍ୟଜିତ୍‌ର ବାପା ତାର ପାଠ ପଢ଼ା ବନ୍ଦ କରିଦେଲେ ।

ଶ୍ରେଣୀଶିକ୍ଷକ ସତ୍ୟଜିତ୍‌ର ବାପାକୁ ବୁଝାଇ କହିଲେ, ପିଲାଟି ଭଲପାଠ ପଢୁଅଛି, ବଡ଼ ହେଲେ ବଡ଼ ମଣିଷଟିଏ ହେବ, ତାକୁ ତୁମେ ପଢ଼େଇବ ନାହିଁ କାହିଁକି ? ସତ୍ୟଜିତ୍‌ର ବାପା କହିଲେ ନା, ଆପଣ କିଏ କହିବାକୁ ? ମୁଁ ତା'ର ବାପା, ତେଣୁ ମୁଁ ଯାହା ନିଷ୍ପତ୍ତି ନେଲି, ସେଥିରେ ତୁମେ ମୁଣ୍ଡ ପୂରାଇବାକୁ କିଏ ?

କିନ୍ତୁ ସତ୍ୟଜିତ୍‌ର ଶ୍ରେଣୀ ଶିକ୍ଷକ ଏହାକୁ କଦାପି କରାଇଦେଲେ ନାହିଁ । ସରପଞ୍ଚ ଶ୍ରେଣୀଶିକ୍ଷକଙ୍କୁ ବିଦ୍ୟାଳୟରୁ ବଦଳି କଲେ । ଶିକ୍ଷକ କୋରାପୁଟରେ ନିଯୁକ୍ତି ପାଇଲେ । ହେଲେ ଯିବା ପୂର୍ବରୁ ସତ୍ୟଜିତ୍‌କୁ ସେ କୋରାପୁଟ ଯିବାପାଇଁ ରାଜି କରାଇଲେ । ସତ୍ୟଜିତ୍‌ର ପିତାଙ୍କୁ ବହୁ ଅନୁରୋଧ କରି ଶ୍ରେଣୀଶିକ୍ଷକ ସତ୍ୟଜିତକୁ ସାଙ୍ଗରେ ଧରି କୋରାପୁଟ ଗଲେ ।

ସତ୍ୟଜିତ୍ ବଡ଼ ହୋଇ ଡାକ୍ତରଟିଏ ହେଲା । କିନ୍ତୁ ସରପଞ୍ଚଙ୍କର ପୁଅ ରାଜୀବ ଚୋର ଓ ଗୁଣ୍ଡା ହେଲା । କିଛି ବର୍ଷ ପରେ ରାଜୀବ ତାଙ୍କ ଘରକୁ ଆସିଲା । ଗ୍ରାମର ଲୋକମାନେ ଜାଣିପାରିଥିଲେ ଯେ, ରାଜୀବ ଗୋଟିଏ ଚୋର ଓ ଗୁଣ୍ଡା । ସବୁ ଖରାପ କାମରେ ଲିପ୍ତ ରହି ସେ ସରପଞ୍ଚଙ୍କର ମୁଣ୍ଡ ତଳକୁ କରିଦେଲା । ସତ୍ୟଜିତ୍ ମଧ୍ୟ ଗାଁକୁ ଆସିଲା । ତା'ର ବାପା ମଦ ପିଇ ରୋଗରେ ପୀଡ଼ିତ ଥାଆନ୍ତି । ଜଣେ ଡ଼ାକ୍ତର ହୋଇଥିବାରୁ ସେ ତା'ର ବାପାଙ୍କୁ ରୋଗରୁ ମୁକ୍ତ କଲା ଏବଂ ଗାଁର ଲୋକମାନଙ୍କୁ ମଧ୍ୟ କମ୍ ପଇସାରେ ଚିକିତ୍ସା କଲା । ଗାଁର ଲୋକମାନେ ହସି ହସି କହି ଉଠିଲେ "ସତ୍ୟବାବୁ ଜିନ୍ଦାବାଦ୍, ଜିନ୍ଦାବାଦ୍" ।

**ସୁଶୀଲ କୁମାର ନାୟକ**
ଦଶମ ଶ୍ରେଣୀ, ସରକାରୀ ଉଚ୍ଚ ବିଦ୍ୟାଳୟ
ନରଣପୁର



## ଆମ ଭାଷା

ଓଡ଼ିଆକୁ ଯଦି ପାଅ ତୁମେ ଭଲ,
ଓଡ଼ିଆ ମା'ଆର ରଖ ତୁମେ ମୂଲ ।
ଯେତେକ ଭାଷା ତୁମେ ପାରୁଛ ଶିଖ,
ଆଗେ ମାତୃଭାଷାର ସମ୍ମାନ ରଖ ।
ନିଜ ଭାଷା ପ୍ରତି ରହିଲେ ସମ୍ମାନ,
ଉଚ୍ଚ ହେବ ସିନା ଭାଷାର ମାନ ।
ଓଡ଼ିଶାର ହୋଇ ଓଡ଼ିଆ ନ କହି,
ହିନ୍ଦୀ, ଇଂଲିଶ କିଆଁ କହୁଛ ଭାଇ ।
ଅନ୍ୟର ଭାଷାକୁ କର ଆପଣାର,
ହେଲେ ମାନ ରଖ ଆପଣା ଭାଷାର ।
ଶିଖ ଅନ୍ୟ ଭାଷା ଅଛି ଯଦି ଲାଭ,
ମାତ୍ର ନ ହରାଅ ଜାତିର ଗୌରବ ।
ନ ରହିଲେ ନିଜ ମାତୃଭାଷା ପ୍ରୀତି,
କେମିତି ବଞ୍ଚିବ ଆମ ଓଡ଼ିଆ ଜାତି ।
ଓଡ଼ିଆ ଲେଖିବା ଓଡ଼ିଆ କହିବା,
ମାତୃଭାଷାକୁ ଆମେ ଭଲ ପାଇବା ।

**ସୁନାମ ମାଝୀ**
ନବମ ଶ୍ରେଣୀ,
ସରକାରୀ ଉଚ୍ଚ ବିଦ୍ୟାଳୟ, ପେନକଣା, ରାୟଗଡ଼ା




## କୋଇଲି

କୁହୁ କୁହୁ ରାବେ ସଞ୍ଜ ସକାଳେ,
ବସନ୍ତ ପବନ ଆମ୍ବ ବଉଳେ ।
କୁହୁ କୁହୁ କରି ଗାଏ ମୁଁ ଗୀତ,
ସକାଳ ପାହିଲେ ସାଜେ ମୁଁ ମିତ ।
ଶୀତ କିବା ଅଦିନିଆ ବରଷା,
ଗୀତ ଗାଇବାକୁ କରେ ମୁଁ ଆଶା ।
ମୋ ଗୀତଟି ଅତି ସରସ,
ଲୋକେ ଜାଣିହୁଅନ୍ତି ହରଷ ।
ମୋ ପରି ଗୀତ ଗାଇବାକୁ କେହିଁ ନାହିଁ,
ବଗ ପରି ଗର୍ବ କରିବାକୁ ଚାହୁଁ ନାହିଁ ।
ଗୀତ ଗାଏ ମୁଁ ଅତି ଖୁସିରେ,
ଡାଳୁ ଡାଳ ଯାଏ ହସି ହସିରେ ।

**କର୍ଣ୍ଣ ଶବର**
ଅଷ୍ଟମ ଶ୍ରେଣୀ,
ସରକାରୀ ଉଚ୍ଚ ବିଦ୍ୟାଳୟ, କୁନ୍ଦେନ୍ଦ୍ରୀ



# ବିପଦ ବେଳେ ବନ୍ଧୁ

ଥରେ ଖୁବ୍ ବର୍ଷା ହେଲା । ପାଣିରେ ନଦୀ, ନାଳ, ବିଲ, ବନ୍ଧବାଡ଼, ଭାଙ୍ଗି ଯିବାରୁ କେତେ ମଣିଷ ଗୋରୁଗାଈ ପାଣି ସୁଅରେ ଭାସିଗଲେ ।

ଦଳେଇ ଘାଇ ନିକଟରେ ଗୋଟିଏ ଗାଁ ଥିଲା କଇଁପୁର । ସେ ଗାଁର ସବୁ ଲୋକ ଦଳେଇ ଘାଇ ବନ୍ଧ ଉପରେ ଆଶ୍ରୟ ନେଇଥାନ୍ତି । ଗାଁର କାଶିଆ ତା' ସ୍ତ୍ରୀ,ପିଲା, ଗାଈଗୋରୁମାନଙ୍କୁ ନେଇ ବନ୍ଧ ଉପରକୁ ଚାଲି ଆସିଥାଏ । ମାତ୍ର ତା'ର ଏକ ମାତ୍ର ପୁଅ ଉପରକୁ ଆସୁ ଆସୁ ବନ୍ଧ ଭାଙ୍ଗି ଯିବାରୁ ଭାସିଗଲା । ସମସ୍ତେ ଦେଖୁଥାନ୍ତି । ସେ ପାଣି ସୁଅରେ ଭାସି ଯାଉଥାଏ । ଅନେକ ଲୋକ ପହଁରା ଜାଣି ମଧ୍ୟ ତାକୁ ଉଦ୍ଧାର କରିବାକୁ ସାହାସ କରିପାରୁ ନଥାନ୍ତି । ସେଦିନ ତୁମ୍ଭ ଗାଁର ଚକରା ବିଶୋଇ ନାମରେ ଜଣେ ଲୋକ କଇଁପୁର ଗାଁକୁ ଆସିଥିଲେ । ସେ ଶୁଣିବାକୁ ପାଇଲେ ଜଣେ ପିଲା ନଈ ପାଣିରେ ଭାସିଯାଉଛି । ତାକୁ କେହି ଉଦ୍ଧାର କରି ପାରୁନାହାନ୍ତି । ଚକରା ତ ନଈ ପହଁରା ଭଲ ଭାବରେ ଜାଣେ । କାଳ ବିଳମ୍ବ ନକରି ନିଜର ଧୋତି ଖୋଲି ମୁଣ୍ଡରେ ବାନ୍ଧି ପାଣି ଭିତରକୁ ଡେଇଁ ପଡ଼ିଲା । ସେ ପହଁରାସହ ବୁଡ଼ା ପହଁରା ବି ଜାଣେ । ଏମିତିକି ମୁଣ୍ଡକୁ ଉପରକୁ ରଖି ଘଣ୍ଟା ଘଣ୍ଟା ଧରି ଭାସି ରହିବାର ଅଭ୍ୟାସ ଅଛି । ତେଣୁ ସେ ପହଁରି ଯାଇ ପିଲାଟି ପାଖରେ ପହଞ୍ଚିଲା । ସେ ଭଲ ଭାବରେ ଜାଣେ ବୁଡ଼ି ଯାଇଥିବା ଲୋକଟି ଜୀବନ ବିକଳରେ ଉଦ୍ଧାର କରୁଥିବା ଲୋକକୁ କୁଣ୍ଡାଇ ଧରେ । ଫଳରେ ଦୁଇ ଜଣ ଯାକ ମରନ୍ତି । ତେଣୁ ଚକରା ମୁଣ୍ଡରେ ବାନ୍ଧିଥିବା ଲୁଗାର ଏକ କାନି ପିଲାର ଅଣ୍ଟାରେ ବାନ୍ଧିଲା ଏବଂ ଅନ୍ୟ କାନିଟି ନିଜ ନିଜ ଅଣ୍ଟାରେ ବାନ୍ଧି ପହଁରି ପହଁରି ଆସିଲା । ପିଲାଟିକୁ ଉଦ୍ଧାର କଲା । ସମସ୍ତେ ତାକୁ ଧନ୍ୟ ଧନ୍ୟ କହିଲେ ।

"ସଂସାର ଭିତରେ ଆପଣାର ବୋଲି
ବନ୍ଧୁଟିଏ ଅଛି କିଏ, ବନ୍ଧୁଟିଏ ଅଛି କିଏ
ବିପଦ ବେଳରେ ସାହାସ ଦିଏ ଯେ
ପ୍ରକୃତରେ ବନ୍ଧୁ ସିଏ ।"

**ପ୍ରୀତି ଶବର**
ଦଶମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
କେ.ସି. ପୁର (ଗଜପତି)



**କୁମାରୀ କୁନି କିସ୍କୁ**
ଖିରବଣି ଆଶ୍ରମ ସ୍କୁଲ, ମୟୂରଭଞ୍ଜ

## ଜାତୀୟ ପତାକା

ଆସରେ ଆସ ମିଶି ଭଉଣୀ ଭାଇ,
ତ୍ରିରଙ୍ଗା ପତାକା ଦେବା ଉଡ଼େଇ ।
ରଖିବା ଆମେ ଦିନେ ତାହାରି ଟେକ,
ଜାତୀୟ ପତାକା ଆମ ଉଡୁଛି ଦେଖ ।
ତାହାରି ରକ୍ଷା ପାଇଁ ଜୀବନ ଦେବା,
ସେଇଥି ପାଇଁ ଆମେ ଶପଥ ନେବା ।
ଏ ଦେଶର ଯେତେ ବୀର ସୈନିକ,
ରଖି ଯାଇଛନ୍ତି ତାହାରି ଟେକ ।
ହେବାରେ ହେବା ଦିନେ ଆମେ ସୈନିକ,
ରଖିବା ଦିନେ ଆମେ ତାହାରି ଟେକ ।
ଜାତୀୟ ପତାକା ଅଟେ ଆମ ଗୌରବ,
ଏ ଦେଶ ଜାତିର ଅଟେ ବିଭବ ।
ଏଇ ଦେଶ ଆମ ଅମୂଲ ମୂଲ,
ତାହାରି ରକ୍ଷା ଆମେ କରିବା ଚାଲ ।
ଆସରେ ଆସ ମିଶି ଭଉଣୀ ଭାଇ,
ତ୍ରିରଙ୍ଗା ପତାକା ଦେବା ଉଡ଼େଇ ।

**ସେବତୀ ଦେହୁରୀ**
ଦଶମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, କଂସର, ଜି-ଦେବଗଡ଼



## ଆମେ ଆଦିବାସୀ

ପାହାଡ଼ ତଳେ ଝରଣା କୂଳେ
କୁଡ଼ିଆରେ ଆମେ ରହୁ,
ଗଛର ଫଳ ପତର, ମୂଳ
ସୁଖ ମନେ ଆମେ ଖାଉ ।
ଫସଲ କରୁ ବଗଡ଼ କରୁ
ଧନୁଶର ହାତେ ଧରି,
ନାହିଁ ଆମର ବାଘକୁ ଡର
ଗୋଡାଉ ସାହାସ କରି ।
ସତ କହୁଛୁ ଖଟି ଖାଉଛୁ
ଅଳସ ପଣିଆ ନାହିଁ ।
ଦେହର ବଳ ଦେଖ ଆମର
ଆଦିବାସୀ ଆମେ ଭାଇ ।


**ନେତ୍ରମଣି ମାଣ୍ଡୀ**
ଦଶମ ଶ୍ରେଣୀ,
ସରକାରୀ ଉଚ୍ଚ ବିଦ୍ୟାଳୟ, ଗୁଡ଼ାରୀ, ଏନ୍.ଏ.ସି.



# ବଣିକ ଓ ଗଧ


ଜଣେ ବଣିକ ଗାଁକୁ ଗାଁ ବୁଲି ତା'ର ଜିନିଷପତ୍ର ବିକ୍ରି କରେ । ତା'ର ଗୋଟିଏ ଗଧ ଥାଏ । ସେଇ ଗଧ ଜିନିଷ ଲଦି ଗାଁକୁ ଗାଁ ବୁଲି ବେପାର ବଣିକ କରିବାରେ ତାକୁ ସାହାଯ୍ୟ କରେ । ବଣିକ ତା'ର ଜିନିଷପତ୍ର ସହ କୌଣସି ଗାଁରେ ପହଞ୍ଚି ଚିତ୍କାର କରି ଭାରି ଜୋର୍‌ରେ କହେ । "ଜଣେ ଜଣେ ସମସ୍ତେ ଚ୍ୱଲିଆସ । ହରେକ୍ ମାଲ୍ ମାତ୍ର ଦୁଇ ଟଙ୍କା । ପିଲାଠୁ ବୁଢ଼ା ସମସ୍ତଙ୍କ ପାଇଁ ଦେଖିଲା ଭଳି ଜିନିଷ, କିଣିଲା ଭଳି ଜିନିଷ । ବିଲ୍‌କୁଲ୍ ଶସ୍ତା ମାତ୍ର ଦୁଇ ଟଙ୍କା । ହରେକ୍ ମାଲ୍ ମାତ୍ର ଦୁଇଟଙ୍କା ।" ଦଶରୁ ପନ୍ଦର ମିନିଟ୍ ଚଲେଇଲା ଭିତରେ ଗାଁର ପିଲାଠୁ ବୁଢ଼ା ଯାଏ ତା' ପାଖରେ ଭିଡ଼ ଜମେଇ ଦିଅନ୍ତି ।

ଏହି ସମୟରେ ବଣିକ ଗଧ ଉପରେ ବାଘ ଛାଲ



ଘୋଡ଼େଇ ଦେଇ ଗାଁ ବାହାରକୁ ଛାଡ଼ିଦିଏ । ଗଧ ମହା ଆନନ୍ଦରେ ଜମିର ଧାନ ଫସଲ ଖାଏ । କେହି କେହି ଗଧକୁ ବାଘ ବୋଲି ଭାବି ଡରରେ ପଳେଇ ଯାଆନ୍ତି ।

ବଣିକ ସେ ଗାଁରେ ବେପାର କରେ । ଖାଇପିଇ ଦି' ଘଣ୍ଟା ଆରାମ୍ କଲାପରେ ଗଧ ଆସି ପହଞ୍ଚେ । ତା' ପରେ ସେ ବଳକା ଜିନିଷ ଲଦି ଅନ୍ୟ ଗ୍ରାମାଭିମୁଖେ ଯାତ୍ରା କରେ । ଏହିଭଳି ଭାବେ ବଣିକଟି ବିନା ଖର୍ଚ୍ଚରେ ତା'ର ଗଧ ପାଇଁ ଖାଦ୍ୟ ବ୍ୟବସ୍ଥା କରୁଥାଏ । ଗାଁ ଲୋକଙ୍କର ଖେତ ନଷ୍ଟ ହୁଏ । ସେମାନେ ବଣିକର ଚାଲାକି ଆଦୌ ଜାଣିପାରନ୍ତି ନାହିଁ । ଚୋରଘର ସର୍ବଦା ଅନ୍ଧାର ଯାଏନା । ଦିନେ ଦଶିପୁର ନାମକ ଏହି ଗ୍ରାମରେ ପହଞ୍ଚି ସବୁଦିନ ଭଳି ସେ ଡାକିଲା, "ହରେକ୍ ମାଲ୍ ଦୁଇଟଙ୍କା । ପିଲାଠୁ ବୁଢ଼ା ସଭିଙ୍କ ପସନ୍ଦ । ଜଣେ ଜଣେ ସମସ୍ତେ ଚ୍ୱଲିଆସ । ଦେଖିଲା ଭଳି ଜିନିଷ କିଣିଲା ଭଳି ଜିନିଷ । ମାତ୍ର ଦୁଇଟଙ୍କା । ହରେକ୍ ମାଲ୍ ମାତ୍ର ଦୁଇଟଙ୍କା । ଗାଁର ସମସ୍ତ ଲୋକ ବଣିକ ପାଖରେ ରୁଣ୍ଡ ହେବା ଭିତରେ ସବୁଦିନ ଭଳି ସେ ତା' ଗଧ ଉପରେ ବାଘଛାଲ ଘୋଡ଼େଇ ଗାଁ ବାହାରକୁ ଛାଡ଼ି ଦେଇଥିଲା । ବଣିକ ତା'ର ଜିନିଷପତ୍ର ବିକ୍ରି କରି ଖାଇପିଇ ଗଛମୂଳ ଛାଇରେ ନିଘୋଡ଼ ନିଦରେ ଶୋଇଥାଏ । ଗାଁରେ ଜଣେ ଖବର ଦେଲା ଗୋଟିଏ ଗଧ ବାଘଛାଲ ଘୋଡ଼େଇ ହୋଇ ଜମିର ସମସ୍ତ ଫସଲ ଖାଇବାରେ ଲାଗିଛି । ଗାଁଲୋକେ ଠେଙ୍ଗା ଧରି ଜମି ଆଡ଼େ ଦଉଡ଼ିଲେ ।



ସର୍ବଦା ସାମାନ୍ୟ ଗଧଟା ଛଳନା କରି ସମସ୍ତ ଫସଲ ଖାଉଥିବାରୁ ଗାଁ ଲୋକେ ଉତ୍ୟକ୍ତ ହୋଇଉଠିଲେ । ଗଧ ଚ୍ଚରିପଟେ ଘେରିଯାଇ ଗଧକୁ ପିଟିବାରେ ଲାଗିଲେ ଗଧ ମଧ୍ୟ ଚିତ୍କାର ଛାଡ଼ି ଦଉଡ଼ିଥାଏ । ଗାଁ ଲୋକେ ଗୋଡ଼େଇ ଗୋଡ଼େଇ ଠେଙ୍ଗାରେ ପିଟିବାରେ ଲାଗିଥାନ୍ତି । ଶେଷରେ ଗଧ ଧରାଶାୟୀ ହେଲା ଜୋର୍‌ରେ ଚିତ୍କାର ଛାଡ଼ି ଶେଷ ନିଶ୍ୱାସ ତ୍ୟାଗ କଲା । ଗାଁ ଲୋକେ ଗଧକୁ ଦେଖି ଚିହ୍ନି ପାରିଲେ । ଏହା ସେଇ ବଣିକର ଚକ୍ରାନ୍ତ ଜାଣି ତାକୁ ପିଟିବା ପାଇଁ ଖୋଜିଲେ । ବଣିକ ଲୋକଙ୍କ ପାଟିତୁଣ୍ଡ ଶୁଣି ଜାଣିଲା ତା'ର ଆଉ ନିସ୍ତାର ନାହିଁ । ଏଣୁ ସମସ୍ତ ଜିନିଷପତ୍ର ଫିଙ୍ଗି ଅଣନିଶ୍ୱାସୀ ହୋଇ ଦଉଡ଼ିବାରେ ଲାଗିଲା ।

**ପ୍ରିୟଲତା କହଁର**
ସପ୍ତମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
କେ.ସି. ପୁର(ଗଜପତି)

## Who am I

Who am I ?
Who am I ?
Flower to flower I do fly
my first letter is "B"
And my last letter is "Y".
Children follow me to catch
I say them touch me not
touch me not
touch me not
I say them touch me not
who am I ?
who am I ?

**Bandana Sabar**
Puttasingh Girls High School



**ଅମିତ କୁମାର ମାରାଣ୍ଡି**
ସରକାରୀ ଉଚ୍ଚ ବିଦ୍ୟାଳୟ, ବାସିପିଠ, ମୟୂରଭଞ୍ଜ

# ଆମେରେ ସବୁ ଆଦିବାସୀ

ଆମେରେ ସବୁ ଆଦିବାସୀ
ବଣ ମୁଲକେ ଘର,
ଗିରି ଜନ ବନ ଆମର ସାଥୀ
ଅଟଇ ଭାରିଭଲ ।



ପ୍ରକୃତି କୋଳେ ବଢୁଛୁ ଆମେ
ଖାଇ ବଣୁଆ ଫଳ,
ଅମୃତ ସମ ପାଇଛୁ ଆମେ
ବଣ ଝରଣା ଜଳ ।

ସକାଳ ସଞ୍ଜେ ଗାଁ ମାଟିରେ
ଧୂନୀ ପାଖରେ ବସି,
ଦାଣ୍ଡରେ ନାଚୁ ବାଜା ବଜାଇ
କରୁଛୁ ମନ ଖୁସି ।



ବଣୁଆ ଜନ୍ତୁ ସହିତ ରହି
କରୁଛୁ ଏଠି ଘର,
କେହି ତ ଏଠି ନୁହଁରେ ଆମ
ବଇରି ଅବା ପର ।



କାନ୍ଦୁଲ ମକା ଜନା ମାଣ୍ଡିଆ
ଆମର ପ୍ରିୟ ଦାନା
ଆମ୍ବ ପିଜୁଳି ଜାମୁ ଖଜୁରି
ମିଳୁଛି ଏଠି ନାନା ।

ବେଲୁଣୀ ଏଠି ନାଚେ ପରବେ
ମୁଣ୍ଡା ଝାଙ୍କିରି ପାଶେ,
ଗାଁର ଏଠି ଶୁଭ ମନାସେ
ସଭିଙ୍କୁ ସୁଖ ଆସେ ।

**ଝୁନୁ ଜିଲାକାରା**
ଅଷ୍ଟମ ଶ୍ରେଣୀ,
ସରକାରୀ ଉଚ୍ଚ ବିଦ୍ୟାଳୟ, କୁଜେନ୍ଦ୍ରୀ

# ଓରାମ ସଂପ୍ରଦାୟରେ କରମ ପୂଜା

ବହୁ ବର୍ଷ ତଳର କଥା । ଗୋଟିଏ ଗାଁରେ ସାତ ଭାଇ ବାସ କରୁଥିଲେ । ସେମାନଙ୍କର ନାମ - କାର୍ମା, ଧାର୍ମା, କର୍ମୁ, ଧର୍ମୁ । ଏହିଭଳି ଏକାପରି ନାମ ଥିଲା । ସେମାନେ ବହୁତ ଧନଶାଳୀ ଥିଲେ । ତାଙ୍କର ଧନ ଦଉଲତ, ଟଙ୍କା ପଇସା, ଗାଈଗୋରୁ କୌଣସିଥିରେ ଅଭାବ ନଥିଲା । ସେମାନେ ସମସ୍ତେ ବିବାହିତ ଥିଲେ ମଧ୍ୟ ଏକାଠି ମିଳିମିଶି ରହୁଥିଲେ ।

ଦିନେ ସାତ ଭାଇ ଏକାଠି ହୋଇ ଶୁଭ ଲଗନ ଦେଖି ଦୂର ଦେଶକୁ ବେପାର କରିବାକୁ ବାହାରିଲେ । ଦୂର ଦେଶରେ ଗାଁ, ଗାଁ, ସହର, ସହର, ନଗର, ନଗର ବୁଲି ବେପାର କାରବାର କରି ଅନେକ ଧନ ସମ୍ପତ୍ତି ଜମା କଲେ ଏବଂ ଘର ଫେରିବା ପାଇଁ ଲାଗିଲେ । ଘରକୁ ଫେରୁ ଫେରୁ ଏକ ବର୍ଷ ହେବାକୁ ଆଉ ମାତ୍ର ଗୋଟିଏ ସପ୍ତାହ ବାକି ରହିଲା । ଏହା ମଧ୍ୟରେ କରମ ପୂଜା ପହଞ୍ଚିଲା । ବାପା, ଅଜା ଅମଳରୁ ସେମାନେ ଆଜି ଏତେ ବଡ଼ ଧନୀ ହୋଇ ପାରିଛନ୍ତି । ତେଣୁ ବଡ଼ ଭାଇ କାର୍ମା ଭାବିଲା ଏ ବର୍ଷ ଘର ପହଞ୍ଚି ନ ପାରିଲେ ମଧ୍ୟ ବାଟରେ ସେମାନେ କରମ ପୂଜା କରିବେ । ସେଥିପାଇଁ ସାନ ଭାଇକୁ ପୂଜା ସାମଗ୍ରୀ ଆଣିବା ପାଇଁ ଘରକୁ ପଠାଇଲେ । ସାନ ଭାଇ ଘର ଯିବା ବାଟରେ ଗୋଟିଏ ଗାଁରେ ହେଉଥିବା କରମ ପୂଜାରେ ସାମିଲ ହୋଇ ନାଚଗୀତରେ ମାତିଗଲା । ସାନ ଭାଇର ଆସିବାରେ ଡେରି ହେବା ଦେଖି ବଡ଼ଭାଇ କାର୍ମା ଏକ ଏକ କରି ଛ'ଜଣ ଭାଇଙ୍କୁ ଘରକୁ ପୂଜା ସାମଗ୍ରୀ ଆଣିବାକୁ ପଠାଇଲେ । ମାତ୍ର ସମସ୍ତ ଛ'ଜଣ ଭାଇ ସେଇ କରମ ପୂଜାରେ ମାତି ଫେରିଲେ ନାହିଁ ।

ପରିଶେଷରେ ନିଜେ ବଡ଼ ଭାଇ ପୂଜା ସାମଗ୍ରୀ ଆଣିବା ପାଇଁ ଘରକୁ ଫେରି ଦେଖନ୍ତି ତ ତାଙ୍କର ସାତ ଜଣ ଭାଇଙ୍କ ପତ୍ନୀ ମିଶି କରମ ପୂଜାର ଆୟୋଜନ କରିଛନ୍ତି । ସେ ବହୁତ ରାଗି ଗଲା । ଭାବିଲା ମୁଁ ତ କର୍ମା, ମୋ ନଥିବା ସମୟରେ ସେମାନେ ଆଉ କୋଉ କରମାଙ୍କୁ ପୂଜା କରୁଛନ୍ତି ? ଏହା ଭାବି ସେ ବଡ଼ ଠେଙ୍ଗାଟିଏ ଧରି ସବୁତକ ପୂଜା ସରଞ୍ଜାମ ଓ କରମଡାଳକୁ ପିଟି ଚୂରମାର କରିଦେଲେ । ଏଇ ଘଟଣାରେ ଅପମାନିତ ହୋଇ କରମ ରାଜା (ପ୍ରଭୁ) ଅସନ୍ତୁଷ୍ଟ ହୋଇ ତାଙ୍କଠାରୁ ଦୂର ହୋଇ ଗଲେ । ସେମାନଙ୍କର ଧନ ସମ୍ପତ୍ତି ସବୁ ଶେଷ ହେବାକୁ ଲାଗିଲା । ବେପାର କରିଥିବା ସବୁତକ ସମ୍ପତ୍ତି ଚୋର ଲୁଟି ନେଲେ । ସାତ ଭାଇ ମଧ୍ୟରେ ଗଣ୍ଡଗୋଳ ଆରମ୍ଭ ହେଲା । ବଡ଼ ଭାଇ କର୍ମାର ଅବସ୍ଥା ସବୁଠାରୁ ଖରାପ ହୋଇଗଲା । ଏପରି ଅବସ୍ଥା ହେଲା ଯେ ଦିନେ ଦିନେ ତାଙ୍କ ଘରେ ଚୂଲି ଜଳୁନଥିଲା, ସବୁଦିନେ ପେଟ ପୂରା ଖାଇବାକୁ ମିଳିଲାନି ।

ଦିନେ ବଡ଼ ଭାଇ ସାନ ଭାଇର ଖେତରେ କାମ କରିବାକୁ ଯାଇ ଦିନକର ମଜୁରି ମାଗିଲେ । ସାନ ଭାଇ ଦିନକ ପାଇଁ ମନା କରିବାରୁ ବଡ଼ଭାଇ ରାଗି ଯାଇ ନିଜ ରୋଇଥିବା ଧାନ(ପହ୍ଲା) ତକ ଜମିରୁ ଉପାଡ଼ି ପକାଇଲେ । ପରେ ଓଲଟି ଦେଖନ୍ତି ତ ସେହି ଜାଗାରେ ଧାନ ରୁଆ ହୋଇଛି । ସେ ମୁଣ୍ଡରେ ହାତ ମାରି ବସି ଭାବିଲେ ମୋର କୃତ କର୍ମ ପାଇଁ ଆଜି ମୋର ଏ ଅବସ୍ଥା । ଏହା ଭାବି ଦିନେ ସେ ମନ ପରିବର୍ତ୍ତନ କରି କରମ (ପ୍ରଭୁ)ଙ୍କୁ ଖୋଜିବା ଉଦ୍ଦେଶ୍ୟରେ ବାହାରିଲେ । ବହୁ ଦୂର ଯିବାପରେ

ତାଙ୍କ ପାଦ ଥକି ପଡ଼ିଲା । ସେ ବହୁ କଷ୍ଟରେ କିଛି ବାଟ ଯିବାକୁ ଚେଷ୍ଟା କଲେ । ସାମନାରେ ଏକ ଘୋଡ଼ାକୁ ଦେଖି ଭାବିଲେ ଏହା ଉପରେ ବସି କିଛି ବାଟ ଯାଇ ହେବ । ମାତ୍ର ତାଙ୍କୁ ଦେଖିବା ମାତ୍ରକେ ଘୋଡ଼ା ଅନ୍ୟତ୍ର ଦୌଡ଼ିଲା । ଆଗେ ଯାଇ ଦେଖିଲେ ଏକ ଗାଈ ଓ ବାଛୁରୀ ଚରୁଛନ୍ତି । ଭାବିଲେ ଗାଈଠାରୁ କିଛି କ୍ଷୀର ପିଇ କିଛି ବାଟ ଯିବାକୁ ହେବ । ମାତ୍ର ଗାଈ ତାଙ୍କୁ ଧରା ଦେଲା ନାହିଁ । ଏକ ସପ୍ତାହ ସେ କିଛି ଖାଇବାକୁ ପାଇଲା ନାହିଁ । ବହୁତ ଦୁର୍ବଳ ହୋଇଯାଇଥିଲା । ଆଗେ ଦେଖିଲେ ଗୋଟିଏ ପଡ଼ିଆରେ ବିରି ଚ୍ଷ କରାଯାଇଛି । ପେଟ ପୂରାଇବା ଆଶାରେ ସେଥିରୁ କିଛି ବିରି ତୋଳିଲେ, ଖାଇବାକୁ ଚେଷ୍ଟା କଲେ । ମାତ୍ର ସେଥିରେ ପୋକ ସାଲୁବାଲୁ । ସେ ତକ ସେ ପକାଇ ଦେଲେ ।

ଏହିପରି ଅନେକ ଅସୁବିଧାକୁ ସାମନା କଲେ ବଡ଼ଭାଇ କାର୍ମା । ସେ ଭୋକ ଉପାସରେ ଆଉ ଚ୍ଲି ପାରିଲେ ନାହିଁ । ଆଖି ଝିଲିମିଲି କରି ଉଠିଲା । ସେ କହି ଉଠିଲେ ହାଏ କରମ୍ ହାଏ କରମ ମୁଁ ଏ କ'ଣ କଲି । ସେଇଠାରେ ସେ ମୁହଁ ମାଡ଼ି ପଡ଼ିଗଲେ । ତାଙ୍କ ଆଖି ଝିଲିମିଲି ମଧ୍ୟରେ ସେ କରମ୍ ରାଜାଙ୍କୁ ଦେଖିଲେ । ତାଙ୍କ ପାଖକୁ ଯିବାକୁ ଚେଷ୍ଟା କଲେ ମଧ୍ୟ ସେଠାରୁ ଉଠି ପାରିଲେ ନାହିଁ । ତାଙ୍କର ଏ ଅବସ୍ଥା ଦେଖି କରମ ରାଜାଙ୍କ ମନରେ ଦୟା ହେଲା । ପାଖକୁ ଆସି ଗୋଟିଏ ଗୋଇଠା ଦେଲେ । ସାଙ୍ଗେ ସାଙ୍ଗେ କର୍ମାଙ୍କ ଆଖି ଖୋଲିଗଲା । ସେ ଦେଖିଲେ କରମ ରାଜା (ପ୍ରଭୁ) ଠିଆ ହୋଇଛନ୍ତି । ରାଜାଙ୍କ ପାଦ ତଳେ ପଡ଼ି ସେ କହିଲେ ମୋତେ କ୍ଷମା କରନ୍ତୁ କରମ ରାଜା ମୋର ଭୁଲ ହୋଇଗଲା । ମୋତେ ଯାହା ଦଣ୍ଡ ଦେବେ ମୁଁ ରାଜି ଅଛି । କରମ ରାଜା କର୍ମାର ପିଠି ଆଉଁସି କହିଲେ ତୁମେ ମୋତେ ଏତେ କଷ୍ଟ ସହି ଖୋଜିବାକୁ ବାହାରିଲ ଏଥିରେ ତୁମର ସବୁ ଦୋଷ କ୍ଷମା କରାଗଲା । ଯାଅ ଆଗ ପରି ମୋର ପୂଜା ଉପବାସ କରିବ । ତୁମ ଘରେ ପୂର୍ବ ପରି ଧନ ସମ୍ପତ୍ତି, ଗାଈଗୋରୁ, ପିଲାଛୁଆ ଟଙ୍କା ପଇସା ଭରି ଯିବ ।

ଏ କଥା ଶୁଣି କର୍ମାଙ୍କର ସବୁତକ ଭୋକ ଶୋଷ କ୍ଷଣକ ମଧ୍ୟରେ ଦୂର ହୋଇଗଲା । କର୍ମା କରମ୍ ରାଜାଠାରୁ ଆର୍ଶିବାଦ ନେଇ ଘରକୁ ଫେରିଲେ । ଧୀରେ ଧୀରେ ତାଙ୍କ ଘରେ ପୂର୍ବପରି ସବୁତକ ସୁଖ, ସୁବିଧା, ଧନ ସମ୍ପତ୍ତିଭରି ଉଠିଲା । ସେଇ ଦିନଠାରୁ ଆଜି ପର୍ଯ୍ୟନ୍ତ ଓରାମ ସଂପ୍ରଦାୟରେ କରମ ପୂଜା କରାଯାଇ ଆସୁଛି ।

**ଅମିତା ମଲିକ**
ସପ୍ତମ ଶ୍ରେଣୀ, ସରକାରୀ ଆଶ୍ରମ ସ୍କୁଲ ବାଟାଗୁଡ଼ା,
କନ୍ଧମାଳ



**କୁମାରୀ ଦଶମା ପୂର୍ତ୍ତୀ**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେନ୍ଦୁଝର

# ମୋର ଅଜା ଘର ଗାଁ

ଆମ ଗାଁ ପରେ ଆର ଗାଁ ପଡ଼େ
ତା'ପରେ ପଡ଼ଇ ନଈ,
ନଈ ପାରି ହେଲେ ଅଜାଘର ଗାଁ
ବର ଗଛ ଦିଶୁ ଥାଇ ।
ବର ଗଛ ପାଖେ ପଦୁଅଁ ପୋଖରୀ
ସେଠୁ ପୁଣି ଟିକେ ଦୂର,
ତାଳ ନଡ଼ିଆର ବଗିଚ୍ଚ ଭିତରେ
ମୋର ଅଜାଙ୍କର ଘର ।
ସେଇଠି ଅଛନ୍ତି ଅଜା ଆଈ ମୋର
ତାଙ୍କ ସାଥେ ମାମୁ ମାଇଁ
ମାମୁଙ୍କର ଝିଅ ଟୁନି ଅପା ପୁଣି
ଟୁନା ମାମୁ ପୁଅ ଭାଇ ।
କେତେ ମଜା ଲାଗେ ଅଜାଘର ମୋତେ
ସତେକି ସେ ଆମ ଘର,
ଅଜା ଆଈଙ୍କର ଆଦର ଶରଧା
ମନେ ପଡ଼େ ବାର ବାର ।

**ଅନ୍ନପୂର୍ଣ୍ଣା ପାତ୍ର**
ନବମ ଶ୍ରେଣୀ, ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ,
ଜାଲେଶପଟ୍ଟା, କନ୍ଧମାଳ



**ସିଦ୍ଧାର୍ଥ ରଞ୍ଜନ ପ୍ରଧାନ**
ସରକା[illegible] ବିଦ୍ୟାଳୟ, କଂସର, ଦେବଗଡ଼

# ବଗିଚ୍ଚର ଫୁଲ


ଟିକି ଟିକି ଫୁଲ ଆମେ
ବଗିଚ୍ଚରେ ଫୁଟିବୁ,
ହସି ଖେଳି ପାଠ ପଢ଼ି
ଆକାଶରେ ବୁଲିବୁ ।
ଦୁନିଆକୁ ଆସି ଆମେ
ମାଁ ବାପା ଚିହ୍ନିଲୁ,
ତାଙ୍କ ହାତ ଧରି ଆମେ
ଆଦରରେ ବଢ଼ିଲୁ ।
ମା ଡାକରେ ଅଛି ଯେଉଁ
ମମତାର ସରାଗ
ଡାଡି ମମି ଶବଦରେ
ମିଳେ ନାହିଁ ସୁହାଗ ।
ମୋ ଗାଁ ଜନ୍ମ ଭୂମି
ସରଗ ମୋ ପାଇଁ,
ଜୀବନରେ କେବେ ହେଲେ
ଭୁଲିବି ମୁଁ ନାହିଁ ।

**ପ୍ରୀତି ଅନୁରାଗ ପୁରୀ**
ଅଷ୍ଟମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, କଂସର, ଜି-ଦେବଗଡ




**ଛବିଳ ଦେହୁରୀ**, ସରକାରୀ ଉଚ୍ଚ ବିଦ୍ୟାଳୟ,
ପାଲହେରା, ଅନୁଗୁଳ

# ଜାତୀୟ ଜୀବନ ଓ ବ୍ୟକ୍ତିଗତ ଜୀବନ



ଜଣେ ସନ୍ଥ ଥିଲେ । ତାଙ୍କର କେତେ ଜଣ ଶିଷ୍ୟ ମଧ୍ୟରୁ ଜଣେ ସହଯୋଗୀ ଶିଷ୍ୟ ମଧ୍ୟ ଥିଲେ । ତାଙ୍କର ନାଁ ଥିଲା ବୀର ପ୍ରତାପ । ଗୁରୁଦେବ ସନ୍ଥଙ୍କୁ ସେ ସବୁ ପ୍ରକାରେ ସାହାଯ୍ୟ କରୁଥିଲେ । ସନ୍ଥ ଏକ ଭଲ ବଗିଚ୍ଛଟିଏ କରିଥିଲେ । ଫୁଲ ଗଛରେ ପରିପୂର୍ଣ୍ଣ ଥିଲା । ସେ ବଗିଚ୍ଛଟିର ଉପଯୁକ୍ତ ଯତ୍ନ ଅନ୍ୟ ଶିଷ୍ୟମାନେ ନେଉଥିଲେ । ସମସ୍ତେ ମିଳିମିଶି ରହୁଥିଲେ । ଥରେ ବୀର ପ୍ରତାପ ସନ୍ଥଙ୍କୁ କିଛି ସାହାଯ୍ୟ କରିବା ପାଇଁ ତାଙ୍କର କୁଟୀରକୁ ଯାଇଥିଲେ । ସେ ଏକ ଅଦ୍ଭୁତ ଦୃଶ୍ୟ ଦେଖିଥିଲେ । ଗୁରୁଦେବ ସନ୍ଥ ବହି ଲେଖିଲା ବେଳେ ଏକ ଡିବିରି ବତି ଜାଳିଥାନ୍ତି ଓ ନିଜର କାମ କଲାବେଳେ ଅନ୍ୟ ଏକ ଡ଼ିବିରି ବତି ଲଗାଇ କାମ କରୁଛନ୍ତି । ଏହା ଦେଖି ବୀର ପ୍ରତାପ ଆଶ୍ଚର୍ଯ୍ୟ ହୋଇ ପଚ୍ଚରିଲେ- ଗୁରୁଦେବ ସନ୍ଥ ଆପଣ ଗୋଟିଏ ଡ଼ିବିରିବତିରେ ବହି ଲେଖୁଛନ୍ତି ଓ ଅନ୍ୟ ଗୋଟିଏ ଦୀପରେ ନିଜର କାମ କରୁଛନ୍ତି, 'କାହିଁକି' ? ଗୁରୁଦେବ ସ୍ୱାନ୍ତନା ଦେଇ କହିଲେ ଶୁଣ, ମୁଁ ଗୋଟିଏ ଡ଼ିବିରିବତିରେ ଜାତିର ଉନ୍ନତି ପାଇଁ ବା ଶିକ୍ଷାର ବିକାଶ ପାଇଁ ବହି ଲେଖେ । ନିଜର କାମ ପାଇଁ ଅନ୍ୟ ଏକ ଡ଼ିବିରିବତୀ ଜଳାଇଥାଏ । ବହି ଲେଖିବା ହେଲା ଜାତୀୟ ଜୀବନ ଓ ନିଜର କାମ ହେଲା ବ୍ୟକ୍ତିଗତ ଜୀବନ । ଏହା ବୀର ପ୍ରତାପ ଶୁଣି ମନ ଖୁସିରେ ଆଶ୍ରମକୁ ଫେରିଗଲେ ।

**ଜିତେନ୍ଦ୍ରୀୟ ସୁନା**
ନବମ ଶ୍ରେଣୀ, ସରକାରୀ ଉଚ୍ଚ ବିଦ୍ୟାଳୟ, କଂସର



**କୁମାରୀ ମୁକ୍ତାମଣି ଗାଗା**, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଲେବଣା ପଳାଶ ପାଳ, କେନ୍ଦୁଝର



**ଶ୍ରୀ ନାରାୟଣ ଟୁଡୁ**, ଖଇରବଣି ଆଶ୍ରମ ସ୍କୁଲ, ମୟୂରଭଞ୍ଜ

# ସହର ମୂଷା ଓ ଗାଁ ମୂଷା

ଗୋଟିଏ ସହରୀ ମୂଷାର ଗୋଟିଏ ଗାଁ ମୂଷା ସହିତ ଭେଟ ହେଲା । ସେ କହିଲା - "ମୁଁ ତୁମକୁ ନିମନ୍ତ୍ରଣ କରୁଛି ମୋ ଘରକୁ ଦିନେ ଆସ, ମୁଁ ତୁମକୁ ଭଲ ଜିନିଷ ଖାଇବାକୁ ଦେବି।" ଗାଁ ମୂଷା ମନକୁ କଥାଟି ଭଲ ଲାଗିଲା । ସେ ଦିନେ ଖରାବେଳେ ସହର ମୂଷା ଘରେ ପହଞ୍ଚିଲା । ସେ ଗୋଟିଏ ସୁନ୍ଦର ଘରେ ରହୁଥିଲା । ଘରଟିରେ ଗୋଟିଏ ଧନୀ ସ୍ତ୍ରୀଲୋକ ରହୁଥିଲେ । ସେ ଖାଇବା ଘରେ ଗୋଟିଏ କୋଣରେ ରହୁଥିଲା । ଚାରିଆଡ଼େ ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟ ଦ୍ରବ୍ୟ ଥୁଆ ହୋଇଥାଏ । ଖାଇବା ଜିନିଷ ଗୁଡ଼ିକ ଭାରି ସୁଆଦିଆ । ହଠାତ୍ ଘରର ମାଲିକାଣୀ ପଶି ଆସିଲେ । ତାଙ୍କୁ ଦେଖି ଦୁଇ ମୂଷା ଦଉଡ଼ି ଯାଇ ଗୋଟିଏ କୋଣରେ ଲୁଚିଗଲେ । ଦୁଇଜଣ ଥରୁଥାନ୍ତି । ସ୍ତ୍ରୀ ଲୋକଟି ଗଲାପରେ ଗାଁ ମୂଷା କହିଲା, "ତୁମେ ମୋ ସାଙ୍ଗରେ ଗାଁ ଜଙ୍ଗଲକୁ ଚାଲ" । ସେଠାରେ କାହାକୁ ଭୟ କରିବାର ନାହିଁ ।"

**ସପ୍ନେଶ୍ୱର ପ୍ରଧାନ**
ନବମ ଶ୍ରେଣୀ, ସରକାରୀ ଉଚ୍ଚ ବିଦ୍ୟାଳୟ, କଂସର



# ଅଳସୁଆର ଫଳ

ଗୋଟିଏ ଗ୍ରାମରେ ଗୋଟିଏ ବୁଢ଼ା ଥିଲା । ଏକୁଟିଆ ବୁଢ଼ାଟି ଗରିବ ଥିଲା । ସେ ଗାଁ ଗାଁ ବୁଲି ଭିକମାଗି ପେଟ ପୋଷେ । ମୁଣ୍ଡବାଳ ପାଚିଗଲାଣି । ମାତ୍ର ୫୦ ବର୍ଷର ବୁଢ଼ା । ସେ ଦିନେ ଗୋଟିଏ ଗ୍ରାମକୁ ଭିକ ମାଗିଗଲା । ଗ୍ରାମର ଲୋକମାନେ ସମସ୍ତେ ଚାଉଳ, ପଇସା ଦିଅନ୍ତି । ଏମିତି ଆଉ ଦିନେ ଭିକ ମାଗିଗଲା । ସେଦିନ କୌଣସିଠାରେ କେହି ଭିକ ଦେଲେ ନାହିଁ । ସେ ନ ଖାଇ ନ ପିଇ ସେମିତି ଭୋକରେ ୫ ଦିନ ରହିଲା । କାମ ନ କରିଥିବାରୁ ଏମିତି ଫଳ ପାଇଲା । ସେ କାମ କରିଥିଲେ ଏମିତି ଫଳ ମିଳିନଥାନ୍ତା । ଆମେ ଅଳସୁଆ ହେବାନାହିଁ । ଅଳସୁଆ ହେଲେ ଆମେ ସେମିତି ଫଳ ପାଇବା । ଆମେ ମଧ୍ୟ କିଛି କିଛି କାମ କରିବା ଉଚିତ୍ । ଏହା ହେଉଛି ଅଳସୁଆମୀର ଫଳ ।

**ଲିଙ୍ଗରାଜ ବେହେରା**
ନବମ ଶ୍ରେଣୀ, ସରକାରୀ ଉଚ୍ଚ ବିଦ୍ୟାଳୟ, କଂସର



# ଚତୁର ବିଲୁଆ

ବଣ ଭିତରେ ବିଲୁଆଟିଏ ରହୁଥିଲା । ସେଠାରେ ଝରଣାଟିଏ ଝରି ଯାଉଥାଏ । ବିଲୁଆ ଝରଣାକୁ ପ୍ରତିଦିନ ପାଣି ପିଇବାକୁ ଯାଏ । ଝରଣାରେ କୁମ୍ଭୀରଟିଏ ରହୁଥାଏ । ଦିନେ ବିଲୁଆ ପାଣି ପିଇବା ପାଇଁ ଆସିଥିଲା । ବିଲୁଆକୁ ଦେଖି କୁମ୍ଭୀର କହିଲା ବିଲୁଆ ଭାଇ ବିଲୁଆଭାଇ ମୋର ଦଶଟି ଛୁଆଙ୍କୁ ପାଠ ପଢ଼ାଇ ଦେବ । ବିଲୁଆ କହିଲା, ହଁ ପଢ଼ାଇ ଦେବି ।

ତା’ ପରଦିନ କୁମ୍ଭୀର ତା’ ଛୁଆମାନଙ୍କୁ ଆଣିଦେଲା । ବିଲୁଆ କିଛିଦିନ ପାଠ ପଢ଼ାଇଲା । ବିଲୁଆର ଲାଳ ଗଡ଼ି ଯାଉଥାଏ । ବିଲୁଆ ଦିନେ ବଣରେ ବୁଲି ବୁଲି କିଛି ପାଇଲା ନାହିଁ । ସେ ଘରକୁ ଆସି କୁମ୍ଭୀର ଛୁଆମାନଙ୍କୁ ଖାଇ ଦେଲା ତା’ପରେ ଆରାମରେ ଶୋଇଲା । ତା’ପରଦିନ କୁମ୍ଭୀର ବିଲୁଆ ପାଖକୁ ଆସି କହିଲା ବିଲୁଆ ଭାଇ ମୋର ଛୁଆମାନେ କୋଉଠି ପଢୁଛନ୍ତି । ବିଲୁଆ କହିଲା, ଟେବୁଲ ଉପରେ ଅଛନ୍ତି । କୁମ୍ଭୀର ଟେବୁଲକୁ ଦେଖିଲା କୋଡ଼ିଏଟି ଆଖି ଅଛି । କୁମ୍ଭୀର ବିଲୁଆକୁ ରାଗି କହିଲା, ତୁମେ ମୋର ଛୁଆମାନଙ୍କୁ ଖାଇଦେଲ ମୁଁ ତୁମକୁ ଛାଡ଼ିବି ନାହିଁ ।

ତା’ପରଦିନ ବିଲୁଆ ଝରଣାକୁ ପାଣି ପିଇ ଗଲା । ବିଲୁଆ ପାଣି ପିଇବା ସମୟରେ କୁମ୍ଭୀର ବିଲୁଆ ଗୋଡ଼କୁ ଧରି ପକାଇଲା । ବିଲୁଆ କହିଲା, କୁମ୍ଭୀର ଭାଇ ତୁମେ ମୋର ଗୋଡ଼କୁ ଧରିନାହଁ ଚେରକୁ ଧରିଛ । କୁମ୍ଭୀର ଛାଡ଼ି ଦେଲା ବିଲୁଆ ଦୌଡ଼ି ଦୌଡ଼ି ବଣକୁ ପଳାଇଲା ।

**ଅନିଲ କୁମାର ଦେହୁରୀ**
ଦଶମ ଶ୍ରେଣୀ, ସରକାରୀ ଉଚ୍ଚ ବିଦ୍ୟାଳୟ, କଂସର



## ସୁଖ -ଦୁଃଖର ଗୀତ

ଦୁଃଖ ସାଥେ ସୁଖ, ଲୁହ ସାଥେ ହସ
ଛାଇ-ଆଲୁଅର ଖେଳ,
ରହି ଅଛି ବୋଲି ଏ ମର ସଂସାରେ
ଜୀଇଁବା ଲାଗଇ ଭଲ ।
ଲୁହ ମଣିଷର କେତେ ଅନ୍ତରଙ୍ଗ
ଆଖି କହିପାରେ ତାହା ।
ସୁଖରେ ଦୁଃଖରେ ବହି ଗଲେ ଥରେ
ମିଳେ ବଞ୍ଚିବାର ରାହା ।
କବି ଅନୁଭବୀ ଜାଣେ ସିନା ଏକା
'ବିବାଦ'ରେ ଶେଷ ସୁଖ,
ମାୟାରେ ମଣିଷ ସଦା ଛଟପଟ
'ମୃତ୍ୟୁ'ରେ ହିଁ ସରେ ଦୁଃଖ ।

**ସାଜନ ମାଝୀ**
ଦଶମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, କଂସର, ଜି-ଦେବଗଡ଼



**କୁମାରୀ ସୁଭଦ୍ରା ହନନାଗା.**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ଲେବଣା ପଳାଶ ପାଳ, କେନ୍ଦୁଝର

## ଦୁଷ୍ଟ ପିଲା

କାଳିଆ ଗୋଟିଏ ଦୁଷ୍ଟ ପିଲା । ସେ ପାଠ ପଢ଼ିବାକୁ ଯାଇ ବାଟରେ କଳି କରେ । ଗୁଡ଼ି ଉଡ଼ାଏ ଓ ନଟୁ ଖେଳେ । ଥରେ ସେ ବିଦ୍ୟାଳୟକୁ ଯିବା ବାଟରେ ଗୋଟିଏ ଜାମୁକୋଳି ଗଛରେ ଚଢ଼ିଲା । ଗଛର ଗୋଟିଏ ସରୁ ଡାଳ ଉପରେ ବସି ସେ କୋଳି ଖାଉଥିଲା ।

ଏତିକିବେଳେ ଖୁବ୍ ଜୋର୍‌ରେ ପବନ ବହିଲା । ଗଛର ସରୁ ଡାଳଟି ଭାଙ୍ଗି ପଡ଼ିଲା । କାଳିଆ ତଳେ ପଡ଼ିଗଲା । ତା'ର ଦେହ ହାତ ଖଣ୍ଡିଆ ହୋଇଗଲା । ପ୍ୟାଣ୍ଟ୍ କାମିଜ ଚିରିଗଲା । ତା'ର ଗୋଟିଏ ହାତ ମଧ୍ୟ ଭାଙ୍ଗିଗଲା । ତା ସାଙ୍ଗମାନେ କାଳିଆର ଅବସ୍ଥା ଦେଖି ତାକୁ ତାଙ୍କ ଘରକୁ ଆଣିଲେ । କାଳିଆ ଭଲ ହୋଇ ପ୍ରାୟ ମାସକ ପରେ ବିଦ୍ୟାଳୟକୁ ଗଲା । କାଳିଆ ଭଲ ପିଲା ହୋଇ ଗଲା । ଏବେ ସେ ନିଜ ଭୁଲ ବୁଝି ପାରିଲା ।


**ବିକାଶ କୁମାର ସେଠୀ**
ଦଶମ ଶ୍ରେଣୀ, ସରକାରୀ ଉଚ୍ଚ ବିଦ୍ୟାଳୟ, କଂସର




# କୃଷକ ଓ କୁଣିଆ କଥା

ଗୋଟିଏ ଗ୍ରାମରେ ବୁଢ଼ା ଓ ବୁଢ଼ୀଟିଏ ରହୁଥିଲେ । ବୁଢ଼ାର ନାମ 'କୃଷକ' ବୁଢ଼ୀର ନାମ 'ଟିଲୁଢ଼ି' । ତାଙ୍କର କୁକୁରଟିଏ ଥିଲା ତାର ନାମ 'ଦେଖିଲି'। ବଳଦ ଦୁଇଟିର ନାମ 'କୁଣିଆ' ଓ 'ଠେଙ୍ଗା' । କୃଷକ ଦିନେ ଜମିରେ ହଳ କରୁଥିଲା । ଗୋଟିଏ ଲୋକ ଆସି କହିଲା, "ମୁଁ ତୁମ ଘରକୁ କୁଣିଆ ଆସିଲି । ବୁଢ଼ା କହିଲା ଯାଅ ଘରକୁ ଟିଲୁଢ଼ି ଭାତ ଦେବ । କୁଣିଆ ଲୋକଟି ଘରକୁ ଆସି କହିଲା ମୁଁ ତୁମ ଘରକୁ କୁଣିଆ ଆସିଲି । ଟିଲୁଢ଼ି କହିଲା ବସ ଭାତ ଖାଇବ । କୁଣିଆ ଲୋକଟି ହାତ ଧୋଇ ବସିଲା । ଟିଲୁଢ଼ି ଭାତ ତରକାରି ଦେଲା । କୁଣିଆ ଲୋକଟି କିଛି ସମୟ ବସିଲା । କେତେବେଳେ ଟିଲୁଢ଼ି ଦେବ ବୋଲି ଭାବୁଥାଏ । ଟିଲୁଢ଼ି କହିଲା ଭାତ ଖାଅ । କୁଣିଆ ଲୋକଟି ଭାତ ଖାଇଲା । କୃଷକ ହଳ କରି ସାରି ଆସିଲା । ଟିଲୁଢ଼ିକୁ କହିଲା, କୁଣିଆକୁ ବାନ୍ଧ । ଠେଙ୍ଗାକୁ ଆଣୁଛି । କୁଣିଆ ଲୋକଟି ଭାବିଲା ମୋତେ ବାନ୍ଧି ଠେଙ୍ଗାରେ ପିଟିବେ । ଏଇ ସମୟରେ କୁକୁରର ନାଁଧରି କହିଲା ଦେଖିଲି ଦେଖିଲି । କୁଣିଆ ଲୋକଟି ଖୁବ୍ ଡରିଗଲା । ସେ ଦୌଡ଼ି ଦୌଡ଼ି ତା'ର ଘରକୁ ପଳାଇଲା ।

**ସୁରେଶ ଟପ୍ପୋ**
ଦଶମ ଶ୍ରେଣୀ, ସରକାରୀ ଉଚ୍ଚ ବିଦ୍ୟାଳୟ, କଂସର



**ସବିତା ଜଳାକା**, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ



**କୁମାରୀ କବିତା ବେହେରା**,
ଖଇରବଣି ଆଶ୍ରମ ବିଦ୍ୟାଳୟ, ମୟୂରଭଞ୍ଜ

# ପରିଶ୍ରମର ଫଳ

ଗୋଟିଏ ଗାଁରେ ଦୀପୁ ବୋଲିକା ଗୋଟିଏ ବାଳକ ଥାଏ । ତା'ର ପାଠରେ ଭାରି ମନ । ତାଙ୍କ ମା' ରୋଷେଇ କରୁଥାନ୍ତି । ଦିନେ ସନ୍ଧ୍ୟା ବେଳେ ଦୀପୁ ଗଣିତ କରୁଥାଏ । ସେ ମା'ଙ୍କୁ ଡାକି କହିଲା, ମା' ମୁଁ ଗଣିତ ଯେତେ ଚେଷ୍ଟା କଲେ ମଧ୍ୟ ପାରୁନାହିଁ କାହିଁକି ? ମା' କହିଲେ ହେଉ ଠିକ୍ ଅଛି ତୁ ଆଗ ଖାଇସାର୍ ତା'ପରେ କହି ଦେବି" ।

ସେଦିନ ବହୁତ ବର୍ଷା ହେଉଥାଏ । ଦୀପୁର ମା' ଗୋଟିଏ ଚିକ୍‌ଣ ବାଉଁଶ ବାଡ଼ି ଲକ୍ଷ୍ୟ କରିଥାନ୍ତି । ସେଥିରେ ଗୋଟିଏ ପିମ୍ପୁଡ଼ି ଉପରକୁ ଉଠିବାକୁ ଚେଷ୍ଟା କରୁଥାଏ । ହେଲେ ପିମ୍ପୁଡ଼ିଟି ବାରମ୍ବାର ତଳକୁ ଖସିପଡୁଥାଏ । ସେମିତି ହୋଇ ସେ ବାଉଁଶ ଗଛକୁ ଚଢ଼ିଗଲା ।

ତା'ପରେ ମା' ଦୀପୁକୁ କହିଲେ ଦେଖିଲୁ ତ ପିମ୍ପୁଡ଼ିଟି ବାରମ୍ବାର ଚେଷ୍ଟା କରି କରି ଉପରକୁ ଚଢ଼ିପାରିଲା । ତୁ ବି ତା ପରି ବାରମ୍ବାର ଚେଷ୍ଟା କର, ଭଲ ପାଠପଢ଼ି ପାରିବୁ । ଦୀପୁ ସେଦିନଠାରୁ ବାରମ୍ବାର ଚେଷ୍ଟା କଲା ।

**କୁମାରୀ ରାଜଲକ୍ଷ୍ମୀ ସୋରେନ**
ପଞ୍ଚମ ଶ୍ରେଣୀ, ଖଇର ବର୍ଡା ଆଶ୍ରମ ବିଦ୍ୟାଳୟ

# ସରଗି ଫୁଲର ବାସ


"ସରଗି ଫୁଲ"ର ମନ ପାରିବ ଜିଣି
ସର୍‌ଗି ଫୁଲର ବାସ,
ଚହଟଇ ଚଉପାଶ
ଥରେ ଯିଏ ତାକୁ ଦେଖି ଦେଲାତ
ଭୁଲି ହେବ ନାହିଁ ବାର ବରଷ ।
ଆରେ ମୋର ଭଉଣୀ ଭାଇ,
"ସରଗି ଫୁଲ" ମହୋତ୍ସବରେ
ବୁଲି ଆସ ଥରେ ଧାଇ ।
ନାନା ଭିନ୍ନ ଜାତିର ଫୁଲ ପାଇବ ସେଠି
[illegible] ଦେଖି ତୁମର ପ୍ରଫୁଲ୍ଲ ହୋଇବ ଉଠି
ଜାତି ଭେଦ ସବୁ ନ ମାନି
ସୁନ୍ଦର ସୁନ୍ଦର ବାସ ଦିଅନ୍ତି ବୁଣି
"ସରଗି ଫୁଲ"ର ବାସ ପାରିବ ଜାଣି,
ଭିନ୍ନ ଭିନ୍ନ ଶିକ୍ଷା ପାଇବ ତହିଁ
ନୂଆ ଶିକ୍ଷା ପାଇ କରିବ ପ୍ରଗତି
"ସରଗି ଫୁଲ"କଥା ପାରିଲେ ଜାଣି
ଆଗକୁ ଉନ୍ନତି ହେଉ "ସରଗି ଫୁଲ" ରାଣୀ ।

**ସୁବାସିନୀ ନାଏକ**
ପ୍ରଧାନ ଶିକ୍ଷକ, ରାମନନ୍ଦା ଆଶ୍ରମ ବିଦ୍ୟାଳୟ
ଜିଲ୍ଲା - ଝାରସୁଗୁଡ଼ା

# ଏଇ ମାଟି ମୋ ଜନମଭୂମି

ଏଇ ମାଟି ମୋ ଜନମଭୂମି
ଏଇ ମାଟି ମୋ ମା'
ଏହାରି କୋଳେ ବଢ଼ିଛି ମୁହିଁ
ରଖିବି ତା'ର ନାଁ ।
ପାଣି, ପବନ, ଶାଗ, ତଣ୍ଡୁଳ
ଦେଇଛି ସ୍ନେହଭରେ,
ଚାରିପାଖର ବଣ ଜଙ୍ଗଲ
ଛୁଇଁଛି ସରାଗରେ ।
ଉପକାର ତା' ଭୁଲିବି ନାହିଁ
ରଖିବି ତା'ର ନାଁ
ଏଇ ମାଟି ମୋ ଜନମ ଭୂଇଁ
ଏଇ ମାଟି ମୋ ମା' ।

**ନାରାୟଣ ପ୍ରଧାନ**
ସପ୍ତମ ଶ୍ରେଣୀ, ସରକାରୀ ଆଶ୍ରମ ବିଦ୍ୟାଳୟ,
ବାଟାଗୁଡ଼ା, ଜି- କନ୍ଧମାଳ



# ପ୍ରଧାନପାଟର ସୁରକ୍ଷା

ପ୍ରଧାନପାଟର ସୁରକ୍ଷା ପାଇଁ,
ଆସନ୍ତୁ ଶପଥ ନେବା ହେ ଭାଇ ।
ଏହି ପ୍ରପାତର ମାନ ମହତ,
ରଖିବାକୁ ଭାଇ ବଢ଼ାଅ ହାତ ।
ସମସ୍ତେ ଯେବେ ଏକଜୁଟ ହେବା,
ବାମଣ୍ଡାଗଡ଼କୁ ଆଗେଇ ନେବା ।
ଜଳଧାରା ତାର ହେଉ ନିର୍ମଳ,
ତାକୁ ପିଇ ହେବା ଆମେ ସବଳ ।
ଜଙ୍ଗଲକୁ ତା'ର ରକ୍ଷା କରିବା,
ବିବିଧ ରୋଗରୁ ମୁକ୍ତି ପାଇବା ।
ଉତ୍‌ଫୁଲ୍ଲିତ ଜୀବଜନ୍ତୁ ରହିବେ,
ଦର୍ଶକେ ଆନନ୍ଦେ ମଗନ ହେବେ ।
ଦେବଦେବୀଙ୍କର ଏ ଅପୂର୍ବ ସ୍ଥାନ,
ବାମଣ୍ଡା ଭୂମିର ବଢ଼ିବ ମାନ ।
ଦର୍ଶକଙ୍କ ଇଏ ଦର୍ଶନସ୍ଥଳୀ,
ଡିସେମ୍ବର ମାସେ ପଡ଼େ ଉଚ୍ଛୁଳି ।
ପ୍ରଧାନପାଟରେ ଯେତେ ନିବାସ,
ହୋଇଯିବ ସବୁ ଯାତ୍ରୀଙ୍କ ବାସ ।
ନବୀକରଣ କରି ଜଙ୍ଗଲ କରିବା,
ମରୁଡ଼ି ବାତ୍ୟାରୁ ରକ୍ଷା ପାଇବା ।
ବୃକ୍ଷ ରୋପଣ ଯେତିକି କରିବା,
ମୃତ୍ତିକା କ୍ଷୟକୁ ରୋକି ପାରିବା ।

**ହରେଶ କୁମାର ପ୍ରଧାନ**
ଦଶମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, କଂସର, ଜି-ଦେବଗଡ

# ମଧୁବାବୁ ଓ ଭଗବାନ

ଗୋଟିଏ ଗାଁରେ ମଧୁବାବୁ ନାମକ ଜଣେ ଖୁବ୍ ଧନୀ ବ୍ୟକ୍ତି ଥିଲେ । ତାଙ୍କର କୌଣସି ସନ୍ତାନ ନଥିଲେ । ତେଣୁ ମଧୁବାବୁଙ୍କ ସ୍ତ୍ରୀ ପ୍ରତିଦିନ ଠାକୁରଙ୍କୁ ଡାକି କହନ୍ତି, ହେ ଭଗବାନ ମୋର ଗୋଟିଏ ସନ୍ତାନ ହେଉ । ଭଗବାନ ଚିନ୍ତା କଲେ, ଯେ ମଧୁବାବୁ ଓ ତାଙ୍କର ସ୍ତ୍ରୀଙ୍କର କୌଣସି ସନ୍ତାନ ନଥିବାରୁ ମୋତେ ଏତେ ସ୍ମରଣ କରି ଡାକୁଛନ୍ତି । କିନ୍ତୁ ତାଙ୍କର ପିଲା ଛୁଆଙ୍କ ଉପରେ ଦୟା ସ୍ନେହ ଜାଣିବା ପାଇଁ ଭଗବାନ ଗୋଟିଏ ଭିକାରି ପିଲା ରୂପଧରି ମଧୁବାବୁଙ୍କ ଘରକୁ ଗଲେ । ମଧୁବାବୁଙ୍କ ସ୍ତ୍ରୀ କଦଳୀ ଅଙ୍ଗୁର, ସେଓ ବିଭିନ୍ନ ପ୍ରକାର ଫଳ ଖାଉଥାନ୍ତି । ଭିକାରି ପିଲାଟି ଅତି ମଧୁର ସ୍ୱରରେ କହିଲା, ମାଆ ଦୁଇ ଚାରି ଦିନ ହେଲା କିଛି ଖାଇ ନାହିଁ । ମୋତେ କିଛି ଖାଇବାକୁ ଦିଅ । ଆପଣଙ୍କ ଗୋଟିଏ ସୁନ୍ଦର ସନ୍ତାନ ଜନ୍ମ ହେବ । ଏହା ଶୁଣି ମଧୁବାବୁ କହିଲେ, ମୁଁ ଏତେ ଭଗବାନଙ୍କୁ ସେବା କରୁଛି, ଅଥଚ ମୋର କୌଣସି ସନ୍ତାନ ହେଉ ନାହାନ୍ତି । ଏତିକି କହୁ କହୁ ମଧୁବାବୁଙ୍କ ସ୍ତ୍ରୀ ସବୁଫଳ ଖାଇ ଦେଲେ । ଭିକାରି ପିଲାଙ୍କ କଥାକୁ ବିଶ୍ୱାସ ନ କରି ତାଙ୍କ ଘରୁ ବାହାର କରିଦେଲେ । ଭିକାରି ପିଲାଟି କିଛି ନ କହି ସେଠାରୁ ଫେରିଗଲେ । କିଛିଦିନପରେ ମଧୁବାବୁ ଓ ତାଙ୍କର ସ୍ତ୍ରୀ ଠାକୁରଙ୍କୁ ଦର୍ଶନ କରିବା ପାଇଁ ମନ୍ଦିରକୁ ଗଲେ । ବ୍ରାହ୍ମଣ କହିଲେ, ଦିନେ ଭଗବାନ ଆପଣଙ୍କ ମନକୁ ପରୀକ୍ଷା କରିବା ପାଇଁ ଭିକାରି ପିଲା ରୂପ ଧରି ଯାଇଥିଲା ବେଳେ ଆପଣ ଭଗବାନଙ୍କ କଥାକୁ ବିଶ୍ୱାସ ନ କରି କିଛି ଖାଇବାକୁ ନଦେଇ ଘରୁ ବାହାର କରି ଦେଲେ । ଆପଣଙ୍କ ଡାକ ଭଗବାନ ଆଉ ଶୁଣିବ ନାହିଁ । ବ୍ରାହ୍ମଣଙ୍କ ପାଖରୁ ଏହି ଉତ୍ତର ଶୁଣି ମଧୁବାବୁ ଓ ତାଙ୍କ ସ୍ତ୍ରୀ ମନ ଦୁଃଖରେ ଘରକୁ ଫେରିଲେ ।

**ସାରମଣି ହେମ୍ବ୍ରମ୍**
ଚତୁର୍ଥ ଶ୍ରେଣୀ, ଖଇର ବର୍ଡା ଆଶ୍ରମ ବିଦ୍ୟାଳୟ



**ସନତ କୁମାର ପ୍ରଧାନ**, ସରକାରୀ ଉଚ୍ଚ ବିଦ୍ୟାଳୟ, କଂସର, ଦେବଗଡ଼

# ଆଚାର୍ଯ୍ୟ ହରିହର

ପୁରୀ ଜିଲ୍ଲା ଶ୍ରୀରାମଚନ୍ଦ୍ରପୁରେ
ଜନମ ଲଭିଲ ଶୁଭ ବେଳାରେ
ସ୍ନେହ ସମାଦର କରି,
ବିନା ଔଷଧରେ ରୋଗୀଙ୍କର ରୋଗ
ଦେଉଥିଲେ ଭଲ କରି ।୧।

ସେବା ଜୀବନର ବ୍ରତ ଆଚରି
ଶିକ୍ଷକତା ରୂପେ କରମ କରି
ଉତ୍କଳର ପଲ୍ଲୀପୁରେ,
ଗାନ୍ଧିଜୀଙ୍କ ସହ ଆନ୍ଦୋଳନ କଲ
ଲବଣ ସତ୍ୟାଗ୍ରହ ।୨।

ବ୍ରାହ୍ମଣ କୁଳରେ ଜନମ ନେଇ
କାନ୍ଧରୁ ପଇତା ଦେଲ ଓହ୍ଲେଇ
ଭେଦଭାବ ଭୁଲି ଯାଇ,
ଦୀନ ଦୁଃଖୀଙ୍କର ସେବା କରୁଥିଲ
ବୁକୁର ମମତା ଦେଇ ।୩।

ଭଲ ମଣିଷଟେ ହୋଇବା ପାଇଁ
ଶୁଭାଶିଷ ଦେଲ ସଭିଙ୍କୁ ଯାଇ
ଇଂରାଜୀରେ ବ୍ୟାକରଣ,
ବହିଟିଏ ଲେଖି ପିଲାଙ୍କ ମନରୁ
ଅଜ୍ଞତା କଲ ହରଣ ।୪।

ଫିରିଙ୍ଗି ଆଇନ ଅମାନ୍ୟ କଲ
ମୁକ୍ତି ସଂଗ୍ରାମରେ ତୁମେ ମାତିଲ
ଭୂଦାନ କର୍ମରେ ମାତି,
ନିଜର ସର୍ବସ୍ୱ ତ୍ୟାଗ କରିଦେଲ
ହୋଇଲ ସତ୍ୟର ଯତି ।୫।

ଆଚାର୍ଯ୍ୟ ଉପାଧି ଲଭିଲ ଦିନେ
ମନ୍ତ୍ରୀପଦ ଲୋଭ ନଥିଲା ମନେ
ଉତ୍କଳ ଜନନୀ ପାଇଁ,
ତୁମର ସେ ତ୍ୟାଗ ସେବାର ମହିମା
ଯୁଗେ ଯୁଗେ ଥିବ ରହି ।।୬।।

**ମାଣିକ ପ୍ରସାଦ ବଡ଼ସେଠ**
ଅଷ୍ଟମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ଗୁମ୍ମା, ଜି- କନ୍ଧମାଳ



**ଅମିତ କୁମାର ମାରାଣ୍ଡି**
ସରକାରୀ ଉଚ୍ଚ ବିଦ୍ୟାଳୟ, ବାସିପିଠ, ମୟୂରଭଞ୍ଜ

# ପ୍ରତାରଣା

ସେଦିନ ଥିଲା ଜୁଲାଇ ମାସ ଏକ ତାରିଖ । ମୁଁ ଓ ମୋର ସାଙ୍ଗ ବିକାଶ ମନରେ ବହୁତ ଆଶା, ସ୍ୱପ୍ନ ଓ ଭବିଷ୍ୟତ ଜୀବନ ଗଢ଼ିବାର ଆକାଂକ୍ଷା ନେଇ ସୁଦୂର ମୟୂରଭଞ୍ଜର ଏକ ଅଖ୍ୟାତ ଆଦିବାସୀ ଗାଁରୁ ଧାଇଁ ଆସିଥିଲୁ ମାଲ୍ୟଗିରି ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରିବା ପାଇଁ । ଝିପିଝିପି ବର୍ଷା ଓ ଜାଗୁଂଲୁ ଜାଗୁଂଲୁ ଅନ୍ଧାର ମଧ୍ୟରେ ଆମେ ପହଞ୍ଚିଲୁ ବିଦ୍ୟାଳୟରେ । ସମସ୍ତେ ଅଚିହ୍ନା । ଅଫିସ ବାରଣ୍ଡାରେ ଗୋଟିଏ କାଠ ଚେୟାରରେ ବସିଥିଲେ ଜଣେ ମଧ୍ୟମ ବୟସ୍କ ବ୍ୟକ୍ତି । ପାଖରେ ୪୦ରୁ ୫୦ ପିଲା ବସି ଲଣ୍ଠନ ଆଲୁଅରେ ପାଠ ପଢୁଥିଲେ । ଭଦ୍ରବ୍ୟକ୍ତି ଜଣକ ନିଶ୍ଚୟ ଶିକ୍ଷକ ହୋଇଥିବେ ବୋଲି ଆମେ ଜାଣିପାରିଲୁ । ତାଙ୍କୁ ପାଦଛୁଇଁ ପ୍ରଣାମ କଲୁ । ଅତି ସନ୍ତର୍ପଣରେ ସେ ଯାହା ପଚାରିଲେ ସବୁ ପ୍ରଶ୍ନର ଉତ୍ତର ଦେଲୁ । ପିତୃପ୍ରତିମ ସ୍ନେହରେ, ଦରଦୀ ଗଳାରେ ସେ ଆମକୁ ଆଶ୍ୱାସନା ଦେଲେ । କହିଲେ, "ତୁମେ ବ୍ୟସ୍ତହୁଅ ନାହିଁ, କାଲି ତୁମର ନାମଲେଖା ହେବ।" ବିଦ୍ୟାଳୟର ପରିବେଶ, ସୁନ୍ଦର ବଗିଚା ଇତ୍ୟାଦି ଆମ ମନକୁ କିଣି ନେଲା । ସେହିଦିନଠାରୁ ଆରମ୍ଭ ହେଲା ଆମ ହାଇସ୍କୁଲ ଜୀବନର ପ୍ରଥମ ସୋପାନ । ହଷ୍ଟେଲର ସାଙ୍ଗସାଥୀ, ସ୍ନେହ ବନ୍ଧନ ଓ ସାର୍‌ମାନଙ୍କର ଆଦର ଓ ଯତ୍ନ ଆମକୁ ବାନ୍ଧିରଖିଥିଲା ଶକ୍ତ ଭାବରେ ।

ସତରେ କହିବାକୁ ଗଲେ ମୁଁ ପାଠରେ ଥିଲି ଅତି ଦୁର୍ବଳ । ମୋର ସାଙ୍ଗ ବିକାଶ ଥିଲା ଜଣେ ପ୍ରତିଭାବାନ ଛାତ୍ର । ମୁଁ ବୋଧହୁଏ କୌଣସି ପରୀକ୍ଷାରେ ସବୁ ବିଷୟରେ ପାସ୍ କରିପାରୁ ନଥିଲି । ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ପାରିଲି ନାହିଁ । ତେଣୁ ଏକାଦଶ ଶ୍ରେଣୀରେ ପଢ଼ିବାର ସ୍ୱପ୍ନ ସ୍ୱପ୍ନରେ ହିଁ ରହିଥିଲା । ମୋ ପାଠ ପଢ଼ାରେ ଡୋରି ବନ୍ଧା ହେଲା । ମୁଁ ପୁଣି ଫେରିଗଲି ମୋର ସେହି ସୁଦୂର ମୟୂରଭଞ୍ଜ ଜିଲ୍ଲାର ଅଖ୍ୟାତ ଆଦିବାସୀ ଗ୍ରାମକୁ । ଚାଷକରି ମାଟି ସହିତ ମାଟି ହୋଇ, ଜଙ୍ଗଲରୁ କାଠକାଟି ବାପାଙ୍କୁ ସାହାଯ୍ୟ କଲି । ମୋ ଗାଁର ସଂସ୍କୃତି, ପରମ୍ପରା ଓ ପର୍ବପର୍ବାଣିରେ ନିଜକୁ ସାମିଲ କରି ପାଇଥିଲି ପରମତୃପ୍ତି ।

ଆଉ ମୋର ସାଙ୍ଗ ବିକାଶ ମାଟ୍ରିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପାସ୍ କରି ରେଭେନ୍‌ସା କଲେଜରେ ନାମ ଲେଖାଇଲା । ପ୍ରଥମରୁ ଆମ ଦୁଇଜଣଙ୍କ ମଧ୍ୟରେ ବନ୍ଧୁତା ଥିଲା ନିବିଡ଼ । ମାତ୍ର ମୁଁ ଗାଁକୁ ଫେରି ଆସିବା ପରେ ଆମ ବନ୍ଧୁତାରେ ଭଟ୍ଟା ପଡ଼ିଗଲା । ସେ ଆଉ ମୋ ସହିତ ସଂପର୍କ ରଖିଲା ନାହିଁ । ମୁଁ ଦୁଃଖ କରି ନଥିଲି । କାରଣ ମୁଁ ଜାଣେ ସଂପର୍କ ଏକ ଅତୁଟ ବନ୍ଧନ ଯାହାକୁ ଜୋରଜବରଦସ୍ତ ସୃଷ୍ଟି କରାଯାଇପାରେନା । ସେଥିରେ ଥାଏ ଆବେଗ ଓ ଅନୁଭୂତି । ତଥାପି ତା ପାଇଁ ମୋ ପ୍ରାଣରେ ଥିଲା ଆବେଗ ଓ ସହାନୁଭୂତି । ମୋ ସାଙ୍ଗର ଖାପଛଡ଼ା ବ୍ୟବହାରରେ ମୁଁ ଅନୁଭବ କରୁଥିଲି ପ୍ରତାରଣା । ସେଥିପାଇଁ ନିଜକୁ ନିଜେ ଛୋଟତୃଣଟିଏ ବୋଲି ଭାବୁଥିଲି ଓ ତାକୁ ଭାବୁଥିଲି

ମହାଦ୍ରୁମ । ବିକାଶ ପାଠପଢ଼ି ସଫଳତାର ପାହାଚ ଚଢ଼ିଚଢ଼ି ଚାଲିଲା । ମନେ ମନେ ମୁଁ ଗର୍ବରେ ଭାବେ, ଯାହା ହେଉ ସେ ଯେତେ ବଡ଼ହେଲେ ବି କହିବ ମୁଁ ଆଦିବାସୀ ପୁଅ, ନମସ୍ୟ ମୋର ଆଦିବାସୀ ଗାଁ, ନମସ୍ୟ ମୋର ପରମ୍ପରା ଓ ସଂସ୍କୃତି ।

ଯେଉଁଦିନ ମୋର ରୋଗିଣା ମା'କୁ ନେଇ ମୁଁ ଏସ୍.ସି.ବି. ମେଡ଼ିକାଲ କଲେଜକୁ ଯାଇଥିଲି ସେଦିନ ଦେଖିଲି ବେକରେ ଗୋଟିଏ ନାଡ଼ିଦେଖା ଯନ୍ତ୍ର ପକାଇ ଆଗେଇ ଆସୁଛି ବିକାଶ । ଅତିଆନନ୍ଦରେ ଅତି ସରାଗରେ ଯାଇ ତାକୁ କୁଣ୍ଢାଇ ଧରିଲି । ହେଲେ ତା' ମୁହଁରେ ହସ ନଥିଲା ବରଂ ଥିଲା ମୋ ପରି ମଳିମୁଣ୍ଡିଆ ଲୋକ ପ୍ରତି ଘୃଣା । ସେ କହିଲା, " ଦେଖ ସମ୍ବାରୁ ତୁ ମୋ ସାଙ୍ଗମାନଙ୍କ ଆଗରେ ମତେ ଛୋଟକରି ଦେ'ନା । ତୁ ମୋର ସାଙ୍ଗ ବୋଲି ପରିଚୟ ଦେନା ।" ବେଇମାନୀ ଓ ପ୍ରତାରଣାର ଖୋଳପାରେ ଢ଼ାଙ୍କି ହୋଇଥିଲା ସେ । ସେଇ ମେଡ଼ିକାଲରେ ମୋର ମା' ଚାଲିଗଲା ହେଲେ ପ୍ରତାରକ ବିକାଶ ବନ୍ଧୁ ହିସାବରେ ନ ହେଲା ନାହିଁ ଜଣେ ଡାକ୍ତର ହିସାବରେ ବି ଦିନେ ଆସିଲାନି ମୋ ପାଖକୁ ।

ସେ ଭୁଲିଗଲା ତା'ର ଜନ୍ମମାଟିକୁ, ପୂଜାପାର୍ବଣକୁ ସାଇଭାଇକୁ, କରମସାନିକୁ, ନିଜ ପ୍ରିୟ ଘଞ୍ଚବନାନୀକୁ ଯେଉଁଠାରେ କି ଆମେ ଚଳଚଞ୍ଚଳ ହରିଣୀ ପରି ଧାଉଁଥିଲୁ । ମତେ ବା ସେ କ'ଣ ପଚାରିବ, ସେହି କଟକ ସହରରେ ଗୋଟିଏ ହାକିମ୍ ଝିଅକୁ (ଆମ ଜାତିର ନୁହଁ) ବିବାହ କରି ସେ ଭୁଲିଗଲା ତା'ର ନିଜ ବାପାମାଙ୍କୁ । ଜୀବନର ସାୟାହ୍ନରେ ବାପା....ମା..... ଡାକପକାଇଥିଲେ ରେ ବିକୁ........ ରେ ବିକୁ..... ତୁ ଟିକେ ଆସ, ତୋର କଅଁଳ ମୁହଁକୁ ଆଉଁସି ଦେଇ ଆମେ ଶେଷ ନିଶ୍ୱାସ ତ୍ୟାଗ କରିବୁ, ମାତ୍ର ସେ ଆଉ ଆସିଲା ନାହିଁ । ୨ ଦିନ ପରେ ଯେତେବେଳେ ସେ ଆସି ପହଞ୍ଚିଲା ବେଳକୁ ତା ବାପା ଆଉ ଇହ ଜଗତରେ ନଥିଲେ । ସେ ତାଙ୍କୁ ନେଇ ପୁରୀର ସ୍ୱର୍ଗଦ୍ୱାରରେ ସଂସ୍କାର କଲା । ଏହା କ'ଣ ଏକ ପ୍ରତାରଣା ନୁହେଁ କି ? ମୁଁ ଭାବୁଛି ସେ ପ୍ରତାରଣ କଲା ଆମ ଆଦିବାସୀ ସମାଜକୁ, ଜନ୍ମ ମାଟିକୁ, ବାପା ମାଙ୍କୁ, ପରିବେଶ, ପରିବେଷ୍ଟନୀକୁ ତଥା ନିଜକୁ, ବିକାଶ ବହୁତ କିଛି ହରେଇଲା କିନ୍ତୁ ମୁଁ ବହୁତ କିଛି ପାଇଲି । ମୁଁ ଅର୍ଦ୍ଧଶିକ୍ଷିତ ହେଲେ ମଧ୍ୟ ଭଲ ପାଉଛି ମୋର ଗାଁ ମାଟିକୁ, ମୋର ପଡ଼ୋଶୀଙ୍କୁ ତଥା ମୋର ରାଜ୍ୟ ଓ ଦେଶକୁ । ଅଧିକ ଅର୍ଥର ବଶବର୍ତ୍ତୀ ହୋଇ ସେ ଏବେ ଚାଲିଯାଇଛି ସୁଇଜରଲାଣ୍ଡକୁ । ତେଣୁ ସେ ପ୍ରତାରଣା କରିଛି ଆମ ରାଜ୍ୟ ତଥା ଦେଶକୁ । ରାଜ୍ୟ ସରକାରଙ୍କଠାରୁ ମାଗଣା ଖାଇ ଓ ମାଗଣା ଶିକ୍ଷା ପାଇ ସେ ଦେଲା କ'ଣ ? କେବଳ ପ୍ରତାରଣା ।

ମୁଁ ଏତିକି ଜାଣେ ଯେ, ଶିକ୍ଷା କେବଳ ମାର୍ଗଦର୍ଶନର ଚାବିକାଠି ନୁହେଁ, ବରଂ ବିବେକ, ମାନବିକତା, ଆତ୍ମ ଚେତନା ଓ ଆତ୍ମଶୁଦ୍ଧି ହେଉଛି ଜୀବନର ମୂଳମନ୍ତ୍ର ।

ତେଣୁ ମୋର ନିବେଦନ ପ୍ରତ୍ୟେକେ ଶିକ୍ଷାର ମହତ୍ତ୍ୱ ବୁଝନ୍ତୁ କିନ୍ତୁ ପ୍ରତାରଣାର ବୁଢ଼ିଆଣୀ ଜାଲରେ ଛନ୍ଦିହୋଇ ଦିଗହରା ନ ହୁଅନ୍ତୁ ।

**ମାଝିଆ କିସ୍କୁ**
ନବମ ଶ୍ରେଣୀ,
ମାଲକାନ୍‌ଗିରି ସରକାରୀ ଉଚ୍ଚ ବିଦ୍ୟାଳୟ, ଅନୁଗୋଳ

# ବିଲୁଆ ନନା

ବିଲୁଆ ନନାରେ ବିଲୁଆ ନନା,
କଅଣ ଖାଇଛୁ ସକାଳ ଖାନା ।
ନନା ନନା ତୁହି ବଡ଼ ଚତୁର
କଥା କହୁ କାଳେ ବଡ଼ ମଧୁର ।


ନନା ନନା ତୋର ଲାଞ୍ଜଟି ବଙ୍କା,
କଙ୍କଡ଼ା ପାଇଁକି ଭୀଷଣ ରଙ୍କା ।

ହୁକେ ହୁକେ ତୁହି କରୁରେ ରଡ଼ି,
ଶୁଣି ନିଦ ମୋର ଯାଏରେ ଛାଡ଼ି ।
ବହି ଧରି ମୁହିଁ ପଢ଼ଇ ପାଠ,
ସୁନା ଝିଅ ମୁହିଁ ସୁନାର ଗ୍ଟ ।

ଗୁରୁ ନ ମାରନ୍ତି ମୋତେ ଯେ ଛାଟ,
ସବୁବେଳେ କହେ କଥା ମୁଁ ସତ ।

ନନା ନନା ତୁହି ଅନାରେ ଅନା,
ତୋତେ ନ ଦେଖିଲେ ମନ ମାନେନା ।

**ସାନିମା ପ୍ରଧାନ**
ନବମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁଡୁତୁଲି



# ଅବଶୋଷ

ସେଦିନ ଜୁଲାଇ ୧୦ ତାରିଖ । ଆମ ସ୍କୁଲରୁ ଦୁଇ ଜଣ ପୁଅ ଓ ତିନି ଜଣ ଝିଅ ସକାଳ ୭ଟା ବେଳେ ଯାଇ ପହଞ୍ଚିଲୁ ଉଦୟଗିରି ହବାକ୍ ହାଇସ୍କୁଲ ପଡ଼ିଆରେ । ଆମର ଟିକିଏ ଡେରି ହେବାରୁ ଜଳଖିଆ ମଧ କରି ପାରିଲୁ ନାହିଁ । ଭୁବନେଶ୍ୱର ସ୍ପୋର୍ଟସ୍ ହଷ୍ଟେଲ୍ ସିଲେକ୍ସନ୍ ପାଇଁ ଖେଳ ଆରମ୍ଭ ହୋଇଥିଲା । ଆମ ସ୍କୁଲ୍ ପାଇଁ ମୁଁ ଜଣେ ମାତ୍ର ବଛା ହେଲି । ଭୁବନେଶ୍ୱର ଖେଳି ଯିବା ପାଇଁ । ପ୍ରାୟ ଶହେ ଜଣ ପିଲାଙ୍କ ମଧ୍ୟରୁ ଷୋହଳ ଜଣ ପୁଅ ଝିଅଙ୍କୁ ବଛା ଯାଇଥିଲା । ମୁଁ ଭାବିଲି "ମୋର ଭୁବନେଶ୍ୱରରେ ନିଶ୍ଚୟ ସିଲେକ୍ସନ୍ ହେବ ।"

ଉଦୟଗିରିରୁ ଫେରିବା ପରେ ପ୍ରତିଦିନ ମୁଁ ସକାଳ ଏବଂ ସନ୍ଧ୍ୟାରେ କେତେ ଜଣ ସାଙ୍ଗ ସହ ଖେଳ ଅଭ୍ୟାସ କଲି । ଆମ ସ୍କୁଲ ପିଲାଙ୍କ ପାଇଁ ବହୁତ ଖେଳ ଉପକରଣ ଯୋଗାଇ ଦିଆଯାଇଛି । ପ୍ରଧାନ ଶିକ୍ଷକ ପ୍ରତିଦିନ ଆମ୍ଭମାନଙ୍କୁ ବିସ୍କୁଟ୍ ଗ୍ଲୁକୋଜ୍ ଦିଅନ୍ତି । ସେ ନିଜେ ଆମ ସହିତ ପଡ଼ିଆକୁ ଆସନ୍ତି । ମଝିରେ ମୋତେ ମ୍ୟାଲେରିଆ ଜ୍ୱର ହେବାରୁ ମୋର ଖେଳ ଅଭ୍ୟାସ ଟିକିଏ ଧୀମେଇ ଗଲା । ଜୁଲାଇ ୨୮ ତାରିଖରେ ମୁଁ ଓ ବିଭୀଷଣ ଭାଇ, ସୁକାନ୍ତି ଅପାଙ୍କ ସହ ଭୁବନେଶ୍ୱର ବାହାରିଲୁ । ୨୯ ତାରିଖ ସକାଳ ୧୧ଟା ସମୟରେ ଟ୍ରେନ୍‌ରେ ବସି ଜଟଣୀରୁ ଭୁବନେଶ୍ୱର ଗଲୁ । ମୁଁ ପୂର୍ବରୁ କେବେ ଟ୍ରେନ୍‌ରେ ବସିନଥିଲି । ବସ୍‌ଠାରୁ ଟ୍ରେନ୍ କେତେ ଅଧିକ ଲମ୍ବା । ମୁଁ ଭାବିଥିଲି - ଛୋଟ ବସ୍‌ଟା ରାସ୍ତାରେ ଯଦି ଏତେ ଉଠାପକା ହେଉଛି । ଟ୍ରେନ୍‌ଟା ଜୋର୍‌ରେ ଯିବା ଯୋଗୁଁ କେତେ ଉଠାପକା ହେଉଥିବ । କିନ୍ତୁ ଶ୍ରେଣୀରେ ଧୀର ସ୍ଥିର ବସିଲା ଭଳି ଟ୍ରେନ୍‌ରେ ବସିବା ଭଳି ମୋତେ ଲାଗିଲା । ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍‌ରେ ପହଞ୍ଚିଲୁ । ତା' ପରଦିନ ଖେଳ ଆରମ୍ଭ ହେଲା । ଓଡ଼ିଶାର ସମସ୍ତ ଜିଲ୍ଲାର ପିଲାମାନଙ୍କୁ ସେଠାରେ ମୁଁ ଦେଖିବାକୁ ପାଇଲି । ସେଠାରେ ଖାଇବା ବ୍ୟବସ୍ଥା ଅତି ଭଲ ଥିଲା । ମୁଁ ଝିଅମାନଙ୍କର ଆଥିଲେଟିକ୍ ଗ୍ରୁପ୍‌ରେ ଖେଳିଲି । ଆମର ତିନି ଦିନ ଧରି ଟେଷ୍ଟ ଚାଲିଲା । ଆମ ପ୍ରଧାନ ଶିକ୍ଷକଙ୍କର ବାଟାଗୁଡ଼ାରେ ମଟର ସାଇକେଲ ଆକ୍ସିଡେଣ୍ଟ ହୋଇଥିଲା । ତଥାପି ସେ ବାରମ୍ବାର ଫୋନ୍ କରି ମୋତେ ସାହସ ଦେଉଥିଲେ । ମୋର ଦୁର୍ଭାଗ୍ୟ ଶେଷଦିନ ଆଥିଲେଟିକ୍ ସିଲେକ୍ସନ୍‌ରୁ ମୁଁ ବାଦ୍ ପଡ଼ିଲି । ମୋର ମାଉସୀ ଝିଅ ଭଉଣୀ ସଂଯୁକ୍ତା ମଡେଲ୍ ସ୍କୁଲ୍‌ରେ ପଢ଼େ । ତା'ର ଆଥିଲେଟିକ୍ ଗ୍ରୁପ୍‌ରେ ସିଲେକ୍ସନ୍ ହେଲା । ମୋର ସଂପୂର୍ଣ୍ଣ ଆଶା ଥିଲା, ସିଲେକ୍ସନ୍ ହୋଇ ସ୍ପୋଟର୍ସ ହଷ୍ଟେଲ୍‌ରେ ପଢ଼ିବି ବୋଲି । ସେତିକି ଦୁଃଖ ରହିଗଲା ।

ତା'ପରଦିନ ମୋତେ ସୁକାନ୍ତି ଅପା ଖଣ୍ଡଗିରି, ଉଦୟଗିରି, ନନ୍ଦନକାନନ, ଲିଙ୍ଗରାଜ ମନ୍ଦିର, ସାଇନ୍‌ସ ପାର୍କ ଇତ୍ୟାଦି ସ୍ଥାନ ବୁଲି ଦେଖାଇ ଦେଲେ । ସ୍କୁଲ ତରଫରୁ ଗତବର୍ଷ ଭୁବନେଶ୍ୱର ଏକ୍ସକରସନ୍ ଯାଇ ପାରିନଥିଲୁ । ଶେଷ ଦିନ ମୁଁ ଯେତିକି ସ୍ଥାନ ବୁଲି ଦେଖିଲି ବହୁତ ବହୁତ ଖୁସି ଲାଗିଲା । ଜୁଲାଇ ଦୁଇ ତାରିଖ ଆମେ ଫେରିଲୁ ସ୍କୁଲ୍‌କୁ । ମୋର ସାନ ଭଉଣୀମାନଙ୍କୁ ମୋ କଥା ଓ ଭୁବନେଶ୍ୱର କଥା ଶୁଣେଇଲି । ମୁଁ ଏବେ ସେମାନଙ୍କୁ ଖେଳ ଅଭ୍ୟାସ କରାଇଛି । ଆସନ୍ତା ବର୍ଷ ସେମାନେ ଯଦି ସେଠାରେ ସ୍ଥାନ ପାଇବେ ତା'ହେଲେ ମୁଁ ଭୁଲିଯିବି ମୋର ଅବସୋସ ।

**ଚନ୍ଦ୍ରିକା ମଲିକ**
ସପ୍ତମ ଶ୍ରେଣୀ, ସରକାରୀ ଆଶ୍ରମ ବିଦ୍ୟାଳୟ,
ବାଟାଗୁଡ଼ା, ଜି- କନ୍ଧମାଳ

# ପ୍ରଜାପତି

ନାଁଚି ମୋର ପରଜାପତି
ସତରେ ମୁହିଁ ତରକା ଅତି,
ଫୁଲରୁ ଫୁଲ ଉଡି ବୁଲଇ
ଛୁଇଁ ଦେଲେ ମୁହିଁ ଯାଏ ପଳାଇ ।
ରଙ୍ଗ ବେରଙ୍ଗ ଯେ ଦେହଟି ମୋର
ପିଲାଏ କରନ୍ତି ଅତି ଆଦର,
ଆକାରରେ ସିନା ଅଟଇ ଛୋଟ
ମନଟା ମୋର ଅଟେ ବିରାଟ ।
ନାହାନ୍ତି ମୋର କେହି ଯେ ପର
ସଭିଁଏ ପରା ମୋ ଆପଣାର,
ଦେଖିଲେ ମୋତେ ଖୁସି ହୁଅନ୍ତି
ନାଁଚି ମୋହର ପରଜାପତି ।
ଫୁଲର ରସ କେଡ଼େ ମଧୁର
ବାସନା ତା'ର କି ମନୋହର,
ଈଶ୍ୱର ମୋତେ ଦେଲେ ଗଢ଼ାଇ
ଏ ସଂସାରକୁ ଦେଲେ ପଠାଇ ।
ଶେଷରେ କରେ ଟିକେ ମିନତି
ତୁମ ପାଦେ ଥାଉ ମୋର ଭକତି ।

**କୁମାରୀ ଆରତୀ ମାଣ୍ଡି**
ଷଷ୍ଠ ଶ୍ରେଣୀ,
ଖଇରବଣୀ ଆଶ୍ରମ ବିଦ୍ୟାଳୟ, ମୟୂରଭଞ୍ଜ



# ମୋତେ ଭାରି ଭଲ ଲାଗେ

ମୋତେ ଭାରି ଭଲ ଲାଗେ ମାଆଙ୍କର କୋଳ,
ଭାରି ଭଲ ଲାଗେ ମୋତେ ସୁନେଲି ସକାଳ ।
ଭଲ ଲାଗେ ନାହିଁ ମୋତେ ମିଛୁଆ ମଣିଷ,
ଜମା ଭଲ ଲାଗେ ନାହିଁ ହେବାକୁ ଅଳସ ।
ମୋତେ ଭାରି ଭଲ ଲାଗେ ଆମ ବିଦ୍ୟାଳୟ,
ସେହିପରି ଆମ ପାଇଁ ଜ୍ଞାନର ନିଳୟ ।
ଭଲ ଲାଗେ ନାହିଁ ଜମା ମିଛ ସକ ସକ,
ଭଲ ଲାଗେ ନାହିଁ ମୋତେ ହେବା ପାଇଁ ଠକ ।
ମୋତେ ଭାରି ଭଲ ଲାଗେ ନନ୍ଦନ କାନନ,
ବେଶୀ ଭଲ ଲାଗେ ମୋତେ ବିଜନ କାନନ ।
ମୋତେ ଭଲ ଲାଗେ ନାହିଁ ଅସଜଡ଼ା ଥାନ,
କେବେ ଭଲ ଲାଗେ ନାହିଁ ପୁଡିଆ ଓ ପାନ ।
ସଦା ଭଲ ଲାଗେ ମୋତେ ମମତା ଆଶ୍ଳେଷ,
ଆଉ ଭଲ ଲାଗେ ମୋତେ ସତର ସନ୍ଦେଶ ।
ଭଲ ଲାଗେ ନାହିଁ ମୋତେ ଅନ୍ୟ ନିନ୍ଦା ଗାନ,
ଜମା ଭଲ ଲାଗେ ନାହିଁ ମୋତେ ହିଂସାର ବଚନ ।
ମୋତେ ଭାରି ଭଲ ଲାଗେ ଜହ୍ନର ଆକାଶ,
ପୁଣି ଭଲ ଲାଗେ ମୋତେ ତାରାଙ୍କର ହସ ।

**କଳ୍ପନା ପ୍ରଧାନ**
ନବମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁହୁଡୁଲି, କନ୍ଧମାଳ

# ସରଗି ଫୁଲର ବାସ

ଗଛର ଡାଳରେ ସ୍ନେହ ସରାଗରେ
ଫୁଟିଛି ସରଗି ଫୁଲ,
ବାସ ଚହଟାଇ ବଣେ ଯାଏ ଝରି
ବୁଝିବ କେ ତା'ର ମୂଲ ।୧।

ବଣ ରାଇଜରୁ ଆସି ରାଜଧାନୀ
ଫୁଟିଲା ସରଗି ଫୁଲ,
ତା ମିଠା ମହକେ ହୋଇ ମତୁଆଲା
ଝୁମିଲା ଭୁବନେଶ୍ୱର ।୨।

ସୁଦୂର ପଲ୍ଲୀରୁ ରାଜଧାନୀ ଯାଏ
ସରଗି ଫୁଲର କଥା,
ଛାତ୍ରଛାତ୍ରୀ ପୁଣି ଶିକ୍ଷକ ଶିକ୍ଷିକା
ଗାଆନ୍ତି ତାହାର କଥା ।୩।

କେତେ ନାଚ ଗୀତ କବିତା କାହାଣୀ
ସରଗୀ ଫୁଲର ପାଇଁ,
ଖେଳକୁଦ ଶିକ୍ଷା ପ୍ରତିଯୋଗିତାର
ସେ ପରା ମଉଡ଼ମଣୀ ।୪।

ସରଗୀ ଫୁଲଟି ବନେ ଫୁଟେ ସିନା
ଯାଉଛି ସହରୀ ହୋଇ,
ତା'ପାଇଁ ଚାଲିଛି କେତେ ଯେ ଯୋଜନା
ବିକାଶ ବିଭବ ନେଇ ।୫।

ସରଗି ଫୁଲକୁ ଦେଖିଛ କେ କହ
ଗଛଡ଼ାଳେ ଫୁଟି ବାର,
ସରଗି ଫୁଲକୁ ମଞ୍ଚରେ ଫୁଟାନ୍ତି
ଆମ ରାଜ୍ୟ ସରକାର ।୬।

ସାରା ଓଡ଼ିଶାଟା ନାଚେ, ଝୁମେ ଦେଖି
ସରଗି ଫୁଲର ହସ,
ଗାଁରୁ ସହର ବାସେ ମହ ମହ
ସରଗିଫୁଲର ବାସ ।୭ ।

ସରଗି ଫୁଲଟି ଫୁଟି ଦୋଳି ଖେଳୁ
ତାଙ୍କରି ରଙ୍ଗମଞ୍ଚରେ,
ସୁରଭି ସୁଗୁଣ ପ୍ରତିଭାର ଜହ୍ନ
ଝଲସୁ ଆକାଶେ ଧୀରେ ।୮।

**କୁମାରୀ ଶୁଭଶ୍ରୀ ବେଉରା**
ଦଶମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, କଂସର, ଜି-ଦେବଗଡ଼



# ନଦୀର ଆଧ୍ୟାତ୍ମ

ପ୍ରକୃତିର ସବୁ ବସ୍ତୁ ଆମକୁ ଈଶ୍ୱରଙ୍କ ନିକଟତର ହେବା ପାଇଁ ପ୍ରେରଣା ଦିଏ । ଏ ସବୁ ଆମକୁ ଧର୍ମ ମାର୍ଗରେ ପରିଚ୍ଳଳିତ ହେବା ପାଇଁ ଶିକ୍ଷା ଦିଏ । ଯେପରିକି ନଦୀ । ଏହା ଆମକୁ ସର୍ବଦା କର୍ମଠ ରହିବା ପାଇଁ ପ୍ରେରଣା ଦେଇଥାଏ । କେବଳ ସେତିକି ନୁହେଁ; ନଦୀ ସବୁବେଳେ ମନୁଷ୍ୟକୁ କର୍ତ୍ତବ୍ୟ ପ୍ରତି ସଚେତନ ହେବାକୁ ଶିକ୍ଷା ଦେଇଥାଏ । ନିଜର ଲକ୍ଷ ସ୍ଥଳରେ ନ ପହଞ୍ଚିବା ଯାଏ ନଦୀ କେବେହେଲେ ବିଶ୍ରାମ ନିଏ ନାହିଁ । ସେହିପରି ଲକ୍ଷ୍ୟସ୍ଥଳରେ ନ ପହଞ୍ଚିବା ଯାଏ ଏହା ପଛକୁ ମଧ ଫେରି ଚ୍ଛହେଁ ନାହିଁ । ଏହା ସବୁ ଲକ୍ଷ୍ୟ ହେଉଛି ସାଗର ସହ ମିଳନ । ଏଥିପାଇଁ ନଦୀ ସବୁ ପ୍ରକାର ବାଧା ବିଘ୍ନକୁ ଦୂର କରିପାରେ । ଶେଷରେ ନିଜର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପରେ ହିଁ ସେ ଶାନ୍ତ ହୁଏ । କେବଳ ସେତିକି ନୁହେଁ ସମସ୍ତ ପ୍ରକାର ସଂକୀର୍ଣ୍ଣତାକୁ ଦୂର କରି ଏହା ଆଗକୁ ବଢ଼ିଥାଏ । ଯେଉଁ ମାର୍ଗରେ ନଦୀ ପ୍ରବାହିତ ହୁଏ ସେଠାରେ ବିକାଶ ସଂଘଟିତ ହୋଇଥାଏ । ଏପରିକି ଏହା ସାଗର ସହ ମିଶି ନିଜେ ଏହାର ଅଂଶ ହୋଇଯାଏ । ମାନବ ଜୀବନର ପ୍ରକୃତ ଲକ୍ଷ୍ୟ, ପରମାତ୍ମାଙ୍କ ସହ ମିଳନ ଅଥବା ଈଶ୍ୱର ସାକ୍ଷାତ୍‌କାର । ଏଥିପାଇଁ ବ୍ୟକ୍ତିକୁ ନିରନ୍ତର ପ୍ରଚେଷ୍ଟା କରିବାକୁ ହେବ । ମନୁଷ୍ୟର ଏହି ଲକ୍ଷ୍ୟ ପୂରଣ ହୋଇ ପାରିଲେ ତା'ର ଜୀବନ ସାର୍ଥକ ହୋଇପାରିବ ।

**ନିରଞ୍ଜନ ମାଝୀ**
ଦଶମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ଗୁମ୍ମା, ଜି- କନ୍ଧମାଳ



# ସବୁଠୁ ମିଠା ମୋ ମା'

ଯେତେ ଡାକ ଅଛି ଦୁନିଆ ଭିତରେ
ମା' ଡାକ ବେଶି ମିଠା,
ଯେତେ ପିଠା ଅଛି ସୁଆଦିଆ ଲାଗେ
ସବୁଠୁ କାକରା ପିଠା ।
ପିଲାଙ୍କ ଭିତରେ ଭଲ ପାଏ ତାକୁ
କହେ ଯିଏ ନିତି ସତ,
ମିତ ମୋର ସିଏ ସାଙ୍ଗଙ୍କ ଭିତରେ
କରେ ଯିଏ ପର ହିତ ।
ସହର ବଜାର ଯେତେ ଯହିଁ ଯାଏ
ଭଲ ଲାଗେ ଆମ ଗାଁ,
ବଡ଼ ହେଲେ ମୁହଁ କରିବି ତା ସେବା
ରଖିବି ତାହାରି ନାଆଁ ।

**କୁମାରୀ ଚମ୍ପାବତୀ ମୁଣ୍ଡା**
ନବମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ରେବଣାପାଲାସପାଲ



କୁମାରୀ ମାୟାବତୀ ମାଝୀ,
ଖଇରକଣି ଆଶ୍ରମ ସ୍କୁଲ, ମୟୂରଭଞ୍ଜ

# ମୋ ମା'

ଏଇ ମାଟି ମୋର ମା'
ମା'ର କୋଳରେ ଜନମିଲି ମୁହିଁ
ଡାକିଲି କୁଆଁ କୁଆଁ ।

ମାଆ ଆଶା କରେ ଝିଅଟି ମୋର ପାଠ ପଢ଼ିବ
ବେଗି ବେଗି ପଢ଼ିଲେ ସେ
ବଡ଼ ପାଠୁଆ ହେବ ।

ବୈଜ୍ଞାନିକ ହୋଇ ଜାଣିବ ସବୁ କିଛି ସେ
ଏ ଦୁନିଆର ସବୁ ସତକି ମିଛ
ଝିଅଟି ଯଦି ଚାକିରି କରିବ
ମା' ହେବ ବହୁତ ଖୁସି ।

ଝିଅଟିଏ ଭାବେ ନିଶ୍ଚୟ ମୁଁ ରଖିବ ମୋର ନାଁଟି
ଏଇ ଦେଶ ମୋର ମାଆଟି
ଏ ଦେଶରେ ଅଛନ୍ତି ବହୁତ କୁନି କୁନି ଶିଶୁ
ସେମାନଙ୍କ ପାଇଁ ଆଶା କରେ ଦିନେ
ହେବ ସେ ଗୋଟିଏ ଦିଦି ।

ଝିଅଟିଏ ଦିନେ ଦିଦି ହୋଇ ଗଲେ
ମାଆ ଦେବ ତା'ର ହସି,
ଦୁନିଆଁରେ ଯେତେ ମା' ମାଉସୀ
ହେବେ ଆହୁରି ଖୁସି ।

**ସୁଭଦ୍ରା ଦେହୁରୀ**
ନବମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ରେବଣାପାଲାସପାଲ

# ପ୍ରିୟ ମା' ତାରିଣୀ

ଜୟ ମା ତାରିଣୀ କିମ୍ପା ହୁଅ ପାଷାଣୀ
ବିପଦରେ ଯଦି ମୁଁ ତୋ'ର କରେ ଭାଲେଣି
ଜୟ ମା ତାରିଣୀ
ଘଟଗାଁରେ ଉପବନରେ ତୁହି ମା' ରାଣୀ ।
ଏକ ଦିନରେ ଲକ୍ଷେ ନଡ଼ିଆ ପିଟା ହୁଅଇ
ଧୂପ ଦୀପ ସିନ୍ଦୂରରେ ହୁଅ ବରଣୀ
ଗରିବ ପୂଜିବ ତହିଁ କେଉଁ ପ୍ରକାରେ
ପୂଜି ନ ପାରି ମା ଜୁହାର କରେ ।
ମା' ହୁଅ ଭରସା ମେଣ୍ଟ ସକଳ ଆଶା
ମନସ୍କାମନା ପୂରିଲେ ଦେବି ଶିରିଣୀ
ଜୟ ମା' ତାରିଣୀ କିମ୍ପା ହୁଅ ପାଷାଣୀ
ବିପଦରେ ପଡ଼ି ମୁଁ ତୋର କରେ ଭାଲେଣି ।

**ବିଜୟିନି ମାଝୀ**
ସପ୍ତମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ରେବଣାପାଲାସପାଲ



**କୁମାରୀ ଲତା ଦେହୁରୀ**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ଲେବଣା ପଳାଶ ପାଳ, କେନ୍ଦୁଝର

# ମୋ ସୁନାର ଭାରତ

ଏଇ ଭାରତ ସୁନାର ଦେଶ
ମୋ ପାଇଁ ସେତ ଚିର ନମସ୍ୟ
କେତେ ନଦୀଝର ଗିରି ବନାନୀ
ଗାନ୍ଧୀ, ଗୋପବନ୍ଧୁ, ମଧୁ, ସୁଭାଷ ।
ରଖି ଗଲେ କାଳ କାଳକୁ ଯଶ
ଏଇ ମୋ ସୁନା ଭାରତ........।।୧।।
ଦେବୀ ସରୋଜିନୀ, ରମା, ମାଳତୀ
ଅକ୍ଷୟ ରହିଛି ତାଙ୍କ କୀରତି
ସ୍ୱାଧୀନତା ପାଇଁ କଲେ ପ୍ରୟାସ
ଏଇ ମୋ ସୁନା ଭାରତ........ ।।୨।।
ଗାନ୍ଧୀ, ବାପୁଜୀର ଡାକରା ପାଇ
ମନରେ ଶକତି ଧରି ଅଶେଷ
ସ୍ୱାଧୀନ କରିଲେ 'ଆମରି ଦେଶ'
ସର୍ବିଙ୍କ ମୁଖରେ ଖେଳିଲା ହସ
ଏଇ ମୋ ସୁନା ଭାରତ ...........।।୩।।
ଉଣେଇଶ ସତ ଚାଳିଶ ବର୍ଷ
ତାରିଖ ପନ୍ଦର ଅଗଷ୍ଟ ମାସ
ସ୍ୱାଧୀନତା ପାଇଲା ଭାରତ ବର୍ଷ ।।

**ଗୀତାଞ୍ଜଳି ମୁଣ୍ଡା**
ଅଷ୍ଟମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ରେବଣାପାଲାସପାଲ

## ମା

ଦୁନିଆ ଦେଖିବା ଆଗରୁ
ତତେ ମୁଁ ଦେଖିଲି ମା'
କଥା ଟେ କହିବା ଆଗରୁ
ତୁଣ୍ଡରେ ନେଲି ତୋ ନାଁ
ନୀତଟେ ଗଢ଼ିବା ଆଗରୁ
ଛାଡ଼ିବିନି ତୋ କାନି ଜମା
କୁଇରେ ଜଳିବା ଆଗରୁ
ଭୁଲିବିନି ତତେ ମା'
ମୋ ତୁଣ୍ଡର ପ୍ରଥମ ଶବ୍ଦକୁ
ପ୍ରଥମେ ତୁ ଚିହ୍ନିଥିଲୁ
ଝୁଣ୍ଟିଲେ ଟିକିଏ ଆହାପଦ କରି
ସବୁବେଳେ ଡରୁଥିଲୁ
ମୁଁ ରାଗିଲେ କେବେ ବି ରାଗୁନା ତୁ
ଜଗତରେ ବଡ଼ ବିସ୍ମୟ ତୁ ମା'
ତତେ କୋଟି କୋଟି ପ୍ରଣାମ
ତୁ ସବୁଠାରୁ ଗରୀୟାନ ମା' ।

**ସୁଭଦ୍ରା ଭନ୍‌ନାଗା**
ନବମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ରେବଣାପାଲାସପାଲ



## ଅଳସୁଆ ପଣ ଛାଡ଼

ରାତି ପାହିଲାଣି ରାବଇ କାଉ,
ଶେଯ ଛାଡ଼ି ଉଠ ଶୁଅନା ଆଉ ।
ଅଳସୁଆ ପଣ ଛାଡ ସଭିଏଁ,
ମାନ୍ଦା ହୋଇ ଆଉ ରହନା କିଏ ।
କାମ ନ କରି କେ ହୁଏନା ବଡ଼
କର୍ମ କରି ଭାଇ ଜୀବନ ଗଢ଼ ।
ତା' ହେଲେ ପାଇବ ଆଦର ନିତି,
ସମସ୍ୟା ହଟିବ, ହଟିବ ଭୀତି ।

**କୁମାରୀ ସବିତା ଟୁଡୁ**
ଦଶମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ରେବଣାପାଲାସପାଲ



# ସର୍‌ଗୀ ଫୁଲ ମୁଁ କହୁଛି

ସରଗୀ ଫୁଲ ମୁଁ କହୁଛି
ସରଗୀ ଫୁଲ ମୁଁ କହୁଛି
ଅରଜି ନାହିଁ ମୁଁ ସରଗ ସୁଷମା
ଗହନ ବନରେ ରହୁଛି,
ସରଗୀ ଫୁଲ ମୁଁ କହୁଛି ....
ନାହିଁ ମୋର ମନୋହର ବାସନା
ତଥାପି ଅନ୍ତରେ ଅଛି ବାସନା
ଜଗତ ଜନନୀ ଚରଣାସନା
ହେବାପାଇଁ ଥରେ ପ୍ରତି ଜନମରେ
ଖରା କାକର ମୁଁ ସହୁଛି
ସରଗୀ ଫୁଲ ମୁଁ କହୁଛି ।୧।
ଧୀରେ ଧୀରେ ଶୀତ ସରୁ ସରୁ ତ
ବହେ ମନ୍ଦ ମନ୍ଦ ମୃଦୁ ମରୁତ
ଶୁଭେ କଳକଣ୍ଠ କଣ୍ଠ ବିରୁତ
ଏହି ଅବସରେ ବିଧି ନିର୍ଦ୍ଦେଶରେ
ଧରା ତଳେ ଜନ୍ମ ନେଉଛି
ସରଗୀ ଫୁଲ ମୁଁ କହୁଛି ।୨।
ପିଲାବେଳ ନୀଳ କୋମଳ ତନୁ
ଦେଖିଲେ ପାସୋର ନ ଯିବ ମନୁ
ଧରି ଆଣି ମୋତେ ବିଜନ ବନୁ
ସରଳା ତରଳା ବନବାସୀବାଳା
ଶରଧାରେ ଶିରେ ବହୁଛି
ସରଗୀ ଫୁଲ ମୁଁ କହୁଛି ।୩।

ଫୁଟି ଉଠି ଅଙ୍ଗେ ସୁନାବରଣ
କରେ ବସୁଧାରେ ସୁଧାଝରଣ
ସହୃଦୟ ହୃଦ କରି ହରଣ
ସୁଭଗ ସୁହାଗ ଅନୁରାଗ ରାଗ
ପ୍ରତି ପ୍ରାଣେ ବୋଲି ଦେଉଛି,
ସରଗୀ ଫୁଲ ମୁଁ କହୁଛି ।୪।
ଅଳପ ଅଳପ ସୁରଭି ସଞ୍ଚି
ରଖିଛି ଧରାରେ ଦେବାକୁ ବିଞ୍ଚି
କ୍ଷଣେ ହେଲେ ଜନ ମାନସେ ବଞ୍ଚି
ଭାରି ଇଚ୍ଛା ମୋର ହେଉଛି,
ସରଗୀ ଫୁଲ ମୁଁ କହୁଛି ।୫।
ଘନ ବନ ପରିବେଶ ସରସ
ମୃଦୁଳ ମଳୟ ମଧୁ ପରଶ
ମନେ ବୁଣେ ମୋର ଚିର ହରଷ
କେଉଁ ତପ ଫଳେ ଏ ଧରଣୀ କୋଳେ
ସରଗ ସୁଖ ମୁଁ ପାଉଛି
ସରଗୀ ଫୁଲ ମୁଁ କହୁଛି ।୬।
ଶୀତଳ ସମୀରେ ଶିର ହଲାଇ
କିଶଳୟ ଦଳେ ଛାତି ଫୁଲାଇ
ଶ୍ରମ ଶ୍ରାନ୍ତ ପାନ୍ଥ ମତି ଭୁଲାଇ
ବିହଙ୍ଗମ ଗୀତି ଶୁଣି ଶୁଣି ନିତି
ଦିନ ମୋର ବିତି ଯାଉଛି,
ସରଗୀ ଫୁଲ ମୁଁ କହୁଛି ।୭।

ଧ୍ୱଂସ କରେ ନର ବନ ସଂପଦ
　　ବଂଶ ନାଶ ପଥେ ପକାଏ ପଦ
ବଂଶ ସମ ଆସେ ମହାବିପଦ
　　ଭାବି ଦେଲେ ଥରେ ଦେହ ମୋର ଥରେ
ନୀରବରେ ଖାଲି ଚାହୁଁଛି,
　　ସରଗୀ ଫୁଲ ମୁଁ କହୁଛି ।୮।

ପ୍ରତ୍ୟକ୍ଷରେ କହେ ବୃକ୍ଷ ଦେବତା
　　ପରୋକ୍ଷରେ ଥାଏ ପ୍ରତିପକ୍ଷତା
ବ୍ୟକ୍ତ କରେ ବ୍ୟବହାରେ ରୁକ୍ଷତା
　　ଏପରି ବିଚିତ୍ର ମଣିଷ ଚରିତ୍ର
ଦେଖି ମନେ ଦୁଃଖ ହେଉଛି,
　　ସରଗୀ ଫୁଲ ମୁଁ କହୁଛି ।୯।

ମୋର ଆଗମନେ ଶୁଭଲଗନେ
　　ପୁରେ ପୁରେ ଜଳେ ସ୍ଥଳେ ଗଗନେ
ନବ ଶିହରଣ ଖେଳେ ସଘନେ
　　ଆଦିବାସୀ ଜାତି ଭୁଲି ଦିନରାତି
ପରବରେ ମାତି ଯାଉଛି,
　　ସରଗୀ ଫୁଲ ମୁଁ କହୁଛି ।୧୦।

ଜନ୍ମ ନେଇଥିବି ବନ ଭିତରେ
　　ମୋ ଜୀବନ ଯିବ ଜନ ହିତରେ
ଏହି ଅଭିଳାଷ ରଖି ଚିତ୍ତରେ
　　ଅଗତିର ଗତି ଚରାଚର ପତି
ଚରଣେ ଶରଣ ନେଉଛି
　　ସରଗୀ ଫୁଲ ମୁଁ କହୁଛି ।୧୧।

**ବାଣୀରତ୍ନ ପଣ୍ଡିତ ଗଦାଧର ଦାଶ**
ସଂସ୍କୃତ ଶିକ୍ଷକ
ହୁମ୍ମା ସରକାରୀ ଉଚ୍ଚ ବିଦ୍ୟାଳୟ, ହୁମ୍ମା, ଗଞ୍ଜାମ



# ଜାନି ପାଖକୁ ଯିବାନି, ଟୁପୁରୁ ଟାପର ହେବାନି

ଅକ୍ଟୋବର ମାସ ଆଠ ତାରିଖ ସୋମବାର, କୁତୁହୁଳିରେ ପ୍ରାର୍ଥନା ଚାଲିଥାଏ । "ମନ୍ଦ ଚିନ୍ତା ମନ୍ଦ କରମ ଛାଡ଼ି ଯାଉ ଆମକୁ" । ହଠାତ୍ ଦେଖାଦେଲା ପ୍ରାର୍ଥନା ମଝିରେ ସପ୍ତମ ଶ୍ରେଣୀର ଝିଅ ଶଶୀତା ପ୍ରଧାନ ଥୁରୁ ଥୁରୁ ହୋଇ ତଳେ ପଡ଼ିଗଲା, ସାଙ୍ଗେ ସାଙ୍ଗେ ତାକୁ ଶ୍ରେଣୀ ଗୃହକୁ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରୀମାନେ ଟେକି ଆଣିଲେ । ଶଶୀତାର ଭଉଣୀ ଚନ୍ଦ୍ରମା ଅଷ୍ଟମ ଶ୍ରେଣୀର ଛାତ୍ରୀ । କାନ୍ଦ ଯେ କାନ୍ଦ, ଯେତେ ବୁଝାଇଲେ ବି ବୁଝୁନି । ମେଡ଼ିକାଲ୍ ଦୁଇ କିଲୋମିଟର ଦୂର । ନୂଆ ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର । ଝିଅ ଦିଦି ପୁଷ୍ପଲତା କହଁର, ଧରିଲେ ଏପଟ ସେପଟ କାନ ଫୁସୁରୁ ଫାସର ଯନ୍ତ୍ରର । ସାଙ୍ଗେ ସାଙ୍ଗେ ଅଟୋ ଆସିଗଲା । ପନ୍ଦର ମିନିଟ୍ ମଧ୍ୟରେ ଶଶୀତା ଡାକ୍ତରଙ୍କ ପାଖରେ ହାଜର ।

ପରୀକ୍ଷା ଚାଲିଲା, ମେଲେରିଆ ନାହିଁ, ଦେହରେ ବି ଜର ନାହିଁ, ତା'ହେଲେ କଥା କ'ଣ ? ପିଲାଙ୍କ ମନରେ ଅନ୍ଧ ବିଶ୍ୱାସ, କ'ଣ ନା ଭୂତ । ବାଲି ଭୂତ, ଛତୁ ଭୂତ, ଡିମାଖିଆ ଭୂତ, ଅସନା ଭୂତ । ଏମିତି କେତେ କ'ଣ । ଧରିଛି ଯେ ଛାଡ଼ିବନି, ଖାଇଯିବ, ରକ୍ଷା ନାହିଁ । ଚନ୍ଦ୍ରମାର କାନ୍ଦ ଆହୁରି ବଢ଼ିଗଲା । ପିଲାଙ୍କ ପାଖରେ ବି ଖବର ପହଞ୍ଚିଗଲା । ଟୁପୁରୁ ଟାପର, ଫୁସୁରୁ ଫାସର । ଚାରିଆଡ଼େ ଭୟ । ହସଖୁସିଆ ବିଦ୍ୟାଳୟ କେମିତି କେମିତି ଲାଗିଲା ।

ଶେଷରେ ଡ଼ାକ୍ତର କହିଲେ ରକ୍ତ କମ୍, ବାଲିଗୁଡ଼ା ଉପଖଣ୍ଡ ଡାକ୍ତରଖାନା ନେଇ ଯାଆନ୍ତୁ । .....ସୈନିକ ଭଳି ସାଙ୍ଗେ ସାଙ୍ଗେ ବାହାରି ପଡ଼ିଲେ ମାନସ ସାର୍ । ସୁରଥ ସାର୍, ଅନାଦି ଭାଇ ଆଉ ସୁରେଶ୍ ସାର୍ । ଚନ୍ଦ୍ରମା ବି ପାଖ ଛାଡୁନି, ସହିତ ସେ ବି ଗଲା । ବ୍ଲଡ୍ ଗ୍ରୁପ୍‌ରୁ ଜଣା ପଡ଼ିଲା ଶଶୀତାର 'ଓ' ପଜିଟିଭ୍ । ହେଲେ ବାଲିଗୁଡ଼ାରେ ବ୍ଲଡ୍ ବ୍ୟାଙ୍କ୍ ନାହିଁ, ଭାଳେଣି ପଡ଼ିଲା, କ'ଣ କରାଯିବ ।

ଅନାଦି ଗଣ୍ଡ, ଆମ ପିଅନ, ହସ ହସ ମୁହଁ, ପତଳା ଦେହ ପିଲାଙ୍କର ପ୍ରିୟ । ତା'ର ମନେ ପଡ଼ିଗଲା ତା'ର ବ୍ଲଡ୍ ଗ୍ରୁପ୍ 'ଓ' ପଜିଟିଭ୍ । କହିଲା ମୁଁ ଦେବି । ହଉ, ଚାଲ, ହେଲେ କହି ସିନା ଦେଲା, କିନ୍ତୁ କହିଲା ମୋତେ ଡରଡର ଲାଗୁଛି । ସୁରେଶ ସାର୍ ତାକୁ ଟିକେ ଦୂରକୁ ନେଇଗଲେ, ଆଉ ଲେଖାଯାଇଥିବା ବୋର୍ଡକୁ ପଢ଼ାଇଲେ,

**ରକ୍ତ ଦାନ ମହାପୁଣ୍ୟ**
**ରକ୍ତ ଦାନ ଜୀବନ ଦାନ ।**

୪୫ କି.ଗ୍ରା.ରୁ ଅଧିକ ଓଜନ ବିଶିଷ୍ଟ ଲୋକ ସହଜରେ ରକ୍ତ ଦେଇ ପାରିବ । ଆଉ ରକ୍ତ ଦେଲେ ଦେଇଥିବା ଲୋକର ସ୍ୱାସ୍ଥ୍ୟ ଅଧିକ ଭଲ ରହିବ । ଯୋଗକୁ ଫୁଲବାଣୀ ସଦର ମହକୁମାର ସହକାରୀ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ମଲ୍ଲିକ୍ ଆସିଥାନ୍ତି । ସେ ବି ଖବର ପାଇଲେ, ସାଙ୍ଗେ ସାଙ୍ଗେ ଆସିଲେ । ଅନାଦିକୁ ବୁଝାଇଲେ ।

ବାସ୍ । ଅନାଦି ରେଡି, ବ୍ଲଡ୍ ଗ୍ରୁପିଙ୍ଗ୍ ପରେ ରକ୍ତ ସଂଗ୍ରହ, ଚଟାପଟ୍ ଶେଷ । ଅନାଦି ମୁହଁରେ ଆନନ୍ଦ । ରକ୍ତ ଦେବି ଦେବି ବୋଲି କେତେଥର ଭାବିଥିଲା, ଆଜି ଦେଲା । ତା'ର ସନ୍ତୋଷକୁ ଭାଷାରେ ପ୍ରକାଶ କରି ହେବନି ।

ଶଶୀତାକୁ ରକ୍ତ ଦିଆଗଲା । ଏଇନେ ସୁସ୍ଥ । ଶଶୀତା ମୁହଁରେ ହସ, ଚନ୍ଦ୍ରମାର ଆନନ୍ଦ । ଖବର ପାଇ ଆସିଥିବା ବୋଉ ଆଇ ମାଇଁଙ୍କର ଡାକ୍ତରଖାନା ବାରଣ୍ଡାରେ ଗପର ଆସର ।

ଆଲୋ ଡୁମ୍ବା ଫୁମ୍ବା କିଛି ନାହିଁଲୋ.... କଳା କୁକୁଡ଼ା, ଲୋଡ଼ା ନାହିଁ କି କଳା ଛେଳି । ଜାନୀ ପାଖକୁ ଯିବାନି, ଆମ ଅନାଦି, ଆମରି ଜାତି, ରକତ ଦେଲା, ଶଶୀତା ଭଲ ହେଲା ।

ସ୍କୁଲ୍‌କୁ ଆସିବା ପରେ ଚନ୍ଦ୍ରମା ପିଲାଙ୍କୁ କହୁଛି । ଡେଙ୍ଗା ଭୂତ ନାହିଁକି, ଗେଡ଼ା ଭୂତ । ଏସବୁ ଖାଲି ଡାହା ମିଛ । ଆମ ଦୁର୍ବଳ ମନର କଥା । ଆମେ ଆସି କୋଉ ଯୁଗରେ ପହଞ୍ଚିଲେଣି । ଭୂତ ନାହିଁ କି ପ୍ରେତ ନାହିଁ । ଜର ହେଲେ ରୋଗ ହେଲେ ଡାକ୍ତର ଖାନାକୁ ଯିବା ସିନା ହେଲେ ଜାନୀ ପାଖକୁ ଯିବାନି ଟୁପୁରୁ ଟାପର ହେବାନି ।

**ଚନ୍ଦ୍ରିକା ମଲିକ**

ସପ୍ତମ ଶ୍ରେଣୀ, ସରକାରୀ ଆଶ୍ରମ ବିଦ୍ୟାଳୟ,
ବାଟାଗୁଡ଼ା, ଜି- କନ୍ଧମାଳ





# ମଜା କଥା



ବାପା - ଆରେ ବାବୁ ତୁମ ସାର୍ ଆସିଲେଣି ଲୁଚିଯା ।

ପୁଅ - ନାଇଁ ବାପା ମୁଁ ଲୁଚିବିନି, ତମେ ଲୁଚିଯାଅ ।

ବାପା - କାହିଁକି ?

ପୁଅ - କାରଣ ତୁମେ ମରିଯାଇଛ ବୋଲି କହି ମୁଁ ବିଦ୍ୟାଳୟରୁ ଦଶ ଦିନ ଛୁଟି ନେଇଛି ।

ଶିକ୍ଷୟିତ୍ରୀ - ଆଚ୍ଛା, ପିଲାମାନେ ତୁମ ଭିତରୁ କିଏ ସବୁଠାରୁ ଅଳସୁଆ ହାତ ଟେକ ।

ଛାତ୍ରଛାତ୍ରୀ - ସବୁପିଲା ହାତ ଟେକିଲେ କିନ୍ତୁ ଗୋଟେ ପିଲାକୁ ଛାଡ଼ି ।

ଶିକ୍ଷୟିତ୍ରୀ - ତୁମେ ତାହାହେଲେ ସୁନା ପିଲା ?

ଛାତ୍ର - ନାଇଁ ଦିଦି, ମୋତେ ହାତ ଟେକିବାକୁ ଅଳସ ଲାଗୁଥିବାରୁ ମୁଁ ହାତ ଟେକିଲି ନାହିଁ ।

**କୁମାରୀ ସୁଚିସ୍ମିତା ମହାନ୍ତ**
ଷଷ୍ଠ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ ମାଟ୍‌କାମ୍ ବେଢ଼ା,
ଜିଲ୍ଲା - କେନ୍ଦୁଝର

# ମୟୂର ଅଣ୍ଡା ଓ ସାତ ଅନ୍ଧୁଣୀ

ଗୋଟିଏ ଗାଁରେ ସାତ ଜଣ ଭଉଣୀ ଥିଲେ । ସେ ସମସ୍ତେ ଜନ୍ମରୁ ଅନ୍ଧୁଣୀ ଥିଲେ । ସେମାନଙ୍କର ମା ବିରକ୍ତରେ ସମସ୍ତଙ୍କୁ ଘରୁ ବାହାର କରିବାକୁ ଇଚ୍ଛାକଲା । ଦିନେ ସେହି ଅନ୍ଧୁଣୀ ଝିଅମାନଙ୍କୁ ଜଙ୍ଗଲ ଆଡ଼କୁ ନେଇଗଲା । ସେମାନଙ୍କୁ ଗୋଟିଏ ଜାମୁକୋଳି ଗଛ ତଳେ ଛାଡ଼ି ଆସିଲା । ନିଜ ସାଥିରେ ନେଇଥିବା ଏକ ଲାଉତୁମ୍ବାକୁ ଗଛ ଡ଼ାଳରେ ଝୁଲାଇ ଦେଇ କାହାକୁ ନ କହି ଘରକୁ ଫେରି ଆସିଲା ।

ଝିଅମାନେ ମାଁ ମାଁ ବୋଲି ବହୁତ ଡ଼ାକିଲେ । ସେମାନେ ଆଉ ମା'କୁ ପାଇ ନଥିଲେ । ବଡ଼ ଭଉଣୀ କାନ୍ଦି କାନ୍ଦି ବାପାକୁ ମନେ ପକାଇଲା । ବାପା ବୋଲି ଡାକିବାରୁ ଗଛ ଡାଳରେ ଝୁଲୁଥିବା ଲାଉ ତୁମ୍ବାଟି ଠୋ ଶବ୍ଦ କରି ତଳେ ପଡ଼ିଗଲା । ବଡ଼ ଭଉଣୀ କହିଲା ଏଇ ପାଖରେ ଆମ ବାପା ଅଛନ୍ତି । ତେଣୁ ସାତ ଭଉଣୀ ମିଶି ବାପାକୁ ଡାକିଲେ ।

ପ୍ରକୃତରେ ସେଠି କେହି ନଥିଲେ । କିଏ ନାହିଁ ବୋଲି ଶେଷରେ ଭଉଣୀମାନେ ନିରାଶ ହେଲେ । ବିଲୁଆ ଡାକ ଓ ପୋକ ଜୋକ ଶବ୍ଦ ଶୁଣି ସନ୍ଧ୍ୟା ହେଲା ବୋଲି ଜାଣି ପାରିଲେ । ଜଙ୍ଗଲରେ ବାଘ, ଭାଲୁ ଥିବାରୁ ବଡ଼ ଭଉଣୀ ଗାଁକୁ ଫେରିଯିବା ବୋଲି ସମସ୍ତଙ୍କୁ କହିଲା । ତା' କଥାରେ ସମସ୍ତେ ହଁ କହିଲେ । ହାତ ଧରାଧରି ହୋଇ ଆସୁଥିବା ବେଳେ ମୟୂରଟିଏ ଉଡ଼ି ଯିବାର ଜାଣିଲେ । ପ୍ରକୃତରେ ଯିବା ରାସ୍ତାରେ ଗୋଟିଏ ମୟୂର ବସା କରିଥିଲା । ଅନ୍ଧଭଉଣୀମାନେ ବସା ପାଖକୁ ଗଲେ ଓ ଅଣ୍ଡା ଥିବାର ଜାଣିଲେ । ମୟୂର ଅଣ୍ଡାକୁ ସମସ୍ତ ଭଉଣୀ ଗୋଟିଏ ଗୋଟିଏ ଅଣ୍ଡା ନେଇଗଲେ । କିଛି ବାଟ ଯିବା ପରେ ରାସ୍ତାରେ ଏକ ମଶାଣି ପଡ଼ିଲା । ନିଆଁର ଶବ୍ଦ ଓ ଗନ୍ଧରୁ ସେମାନେ ଜାଣିଲେ ଯେ ସେଠାରେ ନିଆଁ ଜଳୁଛି । ବଡ଼ ଭଉଣୀ କହିଲା - ଭୋକ ହେଉଛି ତେଣୁ ଅଣ୍ଡାଗୁଡ଼ିକୁ ନିଆଁରେ ପୋଡ଼ି ଖାଇବା । ତା' କଥାରେ ସମସ୍ତେ ରାଜି ହେଲେ । ପ୍ରଥମେ ବଡ଼ ଭଉଣୀ ନିଜର ଅଣ୍ଡାକୁ ନିଆଁରେ ପକାଇଲା । କିଛି ସମୟ ଗଲା ପରେ ଅଣ୍ଡାଟି ଠୋ ଶବ୍ଦ କରି ଫାଟିଗଲା । ନିଆଁ ଓ ପାଉଁଶ ଉଡ଼ି ଆଖିରେ ପଡ଼ିଲା । ସେ ମରିଗଲି ମରିଗଲି ବୋଲି କାନ୍ଦିଲା । ଅନ୍ୟ ଭଉଣୀମାନେ ଡରିଗଲେ । ଛଟପଟ ହୋଇ ଆଖି ପୋଛୁଥିବା ବେଳେ ଏକ ବିଚିତ୍ର ଘଟଣା ଘଟିଲା । ବଡ଼ ଭଉଣୀ ଜାଣିପାରିଲା ଯେ ଅଣ୍ଡା ଫାଟିବାରୁ ତାର ଆଖି ଠିକ୍ ହୋଇଗଲା । ସେ ଖୁସିରେ ଡେଇଁଲା । ଏକଥା ଶୁଣି ଅନ୍ୟ ଭଉଣୀମାନେ ମଧ୍ୟ ନିଜ ନିଜ ଅଣ୍ଡାକୁ ନିଆଁରେ ପକାଇଲେ । ଅଣ୍ଡାଗୁଡ଼ିକ ଠୋ କରି ଫାଟିଲା ସମସ୍ତେ ମଧ୍ୟ ଦେଖି ପାରିଲେ । ସମସ୍ତେ ଖୁସିରେ ନିଜ ଘରକୁ ଫେରିଲେ ।

**ପ୍ରସାଦ ମାଣ୍ଡାଙ୍ଗ**
ସପ୍ତମ ଶ୍ରେଣୀ
ଅଟଡ଼ା ଆଶ୍ରମ ବିଦ୍ୟାଳୟ, ଜିଲ୍ଲା - ରାୟଗଡ଼ା

# ଆମ କ୍ୟାବିନେଟ୍

ଆମ ମୁଖ୍ୟମନ୍ତ୍ରୀ ସରଞ୍ଜୁକା ନାନୀ
କେବେ ସେ ମୋଟେ ହସେନି
କୋଡ଼ି ପରି ଦାନ୍ତ ତାହାର ଅଛି ତ
କେବେ ସେ କଥା କହେନି
ମାତର ସିଏ ତ ଭଲ ନାରୀ ନେତ୍ରୀ
ଟାଣୁଆ ଲିଡର ରଖେ ଶାନ୍ତି ମୈତ୍ରୀ ।
ଦେବେନ୍ଦ୍ର ଭାଇ, ଉପ-ମୁଖ୍ୟମନ୍ତ୍ରୀ ହୋଇଛି ସେଇ;
କଥା କହିପାରେ ନାହିଁ
କଥା ପଚାରିଲେ ମୁଣ୍ଡ ସେ ହଲାଏ
ଜବାବ ସେ ଦିଏ ନାହିଁ ।
ରୁଦର ଭାଇ, ଶିକ୍ଷା ମନ୍ତିରୀ ହୋଇଛି ସେଇ,
ନୀରବରେ ଚାଲୁଥାଏ
କଥା ପଚାରିଲେ ଉତ୍ତର ଦିଏନି
ଭାରି ଶାନ୍ତିଶିଷ୍ଟ ସିଏ ।
ପ୍ରମିଳା ନାନୀ,
ଉପଶିକ୍ଷାମନ୍ତ୍ରୀ ହୋଇଚି ପୁଣି
ଲାଜରେ କହିବ ଆଙ୍ଗୁଠି ଗଣି
ଅଟଇ ସିଏ ତ କଥା ଚୋରଣୀ ।।
ବାମୁଣୀ ମାଝୀ,
ଖାଦିଅ ମନ୍ତିରୀ ହୋଇଛି ସାଜି,
ଭଲ ଖାଦ୍ୟ ସିଏ ଦେବ
ଚଞ୍ଚଳ ଚଞ୍ଚଳ କଥା ସେ କହଇ
ସତେ କି ସେ ଗିଳି ଦେବ
ଦୁରୁଷି ମାଝି,
ଉପଖାଦ୍ୟମନ୍ତ୍ରୀ ହୋଇଛି ଆଜି,
ଭାଷଣ ଦିଏନି ଜମା
ଲାଜେଇ ଲାଜେଇ କଥା ସେ କହଇ ଯେ
ଶୁଣିବାକୁ ଭାରି ମଜା ।
ରାଜେଶ ଭାଇ,
ସ୍ୱାସ୍ଥ୍ୟ ପରିମଳ ମନ୍ତ୍ରୀ ସେ ହୋଇ,
ଭାଷଣ ମାରଇ ଭାର
କଥା କହିଲେ ସେ ଉତ୍ତର ଦିଅଇ
ଜୋର୍‌ରେ ଗଳା ଖଙ୍କାରି ।
ମେନକା ନାନୀ,
ଚତୁରେ ସେ କଥା କହଇ ପୁଣି
ଉପ-ସ୍ୱାସ୍ଥ୍ୟ ମନ୍ତ୍ରୀ ସିଏ
କଦଳୀ ବଗିଚା ଇସ୍‌କୁଲେ କରିବ
ହେଡ୍ ବୁଢ଼ାକୁ କୁହେ ।
ସୁଆର ସିଂ
ଛଅ ଫୁଟ ଉଚା ହୋଇଚି ସେଇ,
କ୍ରିକେଟ ଖେଳେ ସେ ବ୍ୟାଟ ନେଇ
ପିଲେ ତାକୁ କଲେ କ୍ରୀଡ଼ା ମନ୍ତିରୀ ଯେ
କଅଣ କରିବ ଭାବର ସେଇ ।
ଭଲିବଲ କିଣି ପିଲାଙ୍କୁ ସେ ଦେବ,
ଦେଇଅଛି ପ୍ରତିଶ୍ରୁତି
ସରସ୍ୱତୀ ପୂଜା ଭଲରେ କରିବ
ତେଜି ସିଏ ପ୍ରିୟା ପ୍ରୀତି ।

ରଚନୀ, ଗଜଗମନୀ
ଉପକ୍ରୀଡ଼ାମନ୍ତ୍ରୀ ହୋଇଛି ପୁଣି
ବିଦ୍ୟାଳୟ ଦୌଡ଼ ରାଣୀ
କେତେ ଦୌଡ଼ କରି ପ୍ରାଇଜ୍ ଆଣିଛି
ହିସାବ ତା ମିଳିବନି ।
ମୋହନାବତୀ
ଅଟଇ ସିଏ ତ ମଉନାବତୀ
ଅଧିକ ଭୋଟେ ଜିଣି
ପରିବେଶ ମନ୍ତ୍ରୀ ହୋଇଛି ସେ ପୁଣି
କଥା ସେ ମୋଟେ କହେନି ।
ଗୋଲାପ ବଗିଚା ତାହାର
ଅଟଇ ନିର୍ବାଚନ ପ୍ରତିଶ୍ରୁତି
ଆଗକୁ ଦେଖିବା କ'ଣ କରିବ
ପାଇଯାଉ ଦିନରାତି ।
ଅଷ୍ଟମ ଶ୍ରେଣୀର ପ୍ରଭାତ ସାହୁ,
ଉପ-ପରିବେଶ ମନ୍ତ୍ରିରୀ ସେହୁ
ଭାଷଣ ତାହାର ଜୋର୍
କାମ କିଛି ନାହିଁ, ମୁହଁକୁ ହଲାଇ
କଥା କହୁଥାଏ ସେହୁ ।
ଅଷ୍ଟମର ହାରାବତୀ
ନିରୀହ ସରଳ ଅତି,
ମଧୁର କଥା ସେ କହଇ ଅଳପ
ସୂଚନା ମନ୍ତିରୀ ହୋଇ ।
ନବମର ଧନୁର୍‌ଜୟ
ଶିବଧନୁ ଭାଙ୍ଗି ହୋଇଛି ମନ୍ତିରୀ
ଉପ-ସୂଚନା ବିଜୟ
ଅତି ବଦ ରାଗୀ
ଅତ୍ୟନ୍ତ କ୍ରୋଧୀ ସେ କାହାକୁ ନ ପଚାରି
କାମ କରି ଦେବ ଏପରି ପୁଣି
ଯେ ସମସ୍ତେ ହେବେ ବଇରୀ ॥

**ସଞ୍ଜିତ୍ ମାଝୀ**
ନବମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ ଗୋରଖପୁର,
ଜିଲ୍ଲା - ରାୟଗଡ଼ା



# ଆମ ବିଦ୍ୟାଳୟ ପରିବେଶ ମନ୍ତ୍ରଣାଳୟ

ନବମ ଶ୍ରେଣୀର ମହନା ନାନୀ,
ଅଧିକ ସଂଖ୍ୟାରେ ଭୋଟ ଜିଣି ।
ପରିବେଶ ମନ୍ତ୍ରୀ ହୋଇଛି ପୁଣି,
କଅଣ କରିବ ପାରୁନି ଜାଣି ।
ମହନା ସାଥିରେ ପ୍ରଭାତ ସାହୁ,
କରିବାକୁ ସଫା ଓଳିଆ ଝାଡ଼ୁ ।
ଅଳିଆ ନେଇକି ଖାଲରେ ଖପା,
ନ ହେଲେ ଗୁରୁଜୀ ହୋଇବେ ଖପ୍‌ପା ।
ଗୋଲାପ ବଗିଚ୍ଚ ସ୍କୁଲରେ କରିବ,
ସଭିଙ୍କର ପରା ମନ ଜିଣିବ ।
କଅଣ କରିବ ଭାବିଲା ବସି,
ଆଉ ବାଟ ନାହିଁ ଯିବାକୁ ଖସି ।
ମହନା ବତୀ ନୁହେଁ ସେ ମଉନା ବତୀ,
ଦିନ ସରିଯାଏ ସରେନି ରାତି ।
ଗୋଲାପ ବଗିଚା କିପରି କରିବ
ଏବେ ଭାବୁଥାଏ ଦିବସ ରାତି ।

**କପ୍ଳେଶ୍ୱର ନାଏକ**
ଦଶମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋରଖପୁର,
ଜିଲ୍ଲା - ରାୟଗଡ଼ା

# ଘୁମୁ ଘୁମୁ ଘୁମୁରେ ପାରା

ଘୁମୁ ଘୁମୁ ଘୁମୁରେ ପାରା,
ଭାରି ମଧୁର ତୋର ଘୁମୁରା ।
ସୁନ୍ଦର ତୋହର ଚେହେରା ଦେଖି,
ମନ ମୋର ଯାଏ ତୋ'ଠାରେ ଲାଖି ।
ଦେହଟି ତୋହର ସଫା ସୁତୁରା,
ପର ଚିକିଚିକୁ ନୁହେଁ ଭୁତୁରା ।
ଇଛା ହୁଏ ମୋର ହେବାକୁ ପାରା,
କାହାକୁ ନ ଦେବି କେବେ ହେଁ ଧରା ।

**କ୍ରିଷ୍ଟାରାଣୀ କହଁର**
ନବମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁତୁତୁଲି, କନ୍ଧମାଳ



# ଗୀତର ନାମ - ମାଁଗୋ ବାପାଗୋ ମନ ଲାଗୁଛି

ମାଁ ଗୋ ବାପା ଗୋ ମନ ଲାଗୁଛି
ମୁଁ ମଧ୍ୟ ସ୍କୁଲକୁ ଯିବି
ପୁଅ ବୋଲି ଭାଇକୁ ସ୍କୁଲ୍ ପଠାଉଛ
ଝିଅ ବୋଲି ମୋତେ ଘରେ ରଖୁଛ
ମାଁ ଗୋ ବାପା ଗୋ ମନ ଲାଗୁଛି
ମୁଁ ମଧ୍ୟ ସ୍କୁଲକୁ ଯିବି
କାଠକୁ ପଠାଉଛ ପାଣିକୁ ପଠାଉଛ
ଝିଅ ବୋଲି ମୋତେ ଅବହେଳା କରୁଛ
ମାଁ ଗୋ ବାପା ଗୋ ମନ ଲାଗୁଛି
ମୁଁ ମଧ୍ୟ ସ୍କୁଲକୁ ଯିବି
କୁଲିକୁ ପଠାଉଛ ରୋଷେଇ କରାଉଛ
ଘରେ ଲିପା ଉଛ ବାସନ ମଜାଉଛ
ମାଁ ଗୋ ବାପା ଗୋ ମନ ଲାଗୁଛି
ମୁଁ ମଧ୍ୟ ସ୍କୁଲକୁ ଯିବି
ପାଠ ପଢ଼ିବା ଝିଅକୁ ବାହା ପାଇଁ ଖୋଜୁଛ
ମୋତେ କେମିତି ଘରେ ଦେବା ବୋଲି ଭାବୁଛ
ମାଁ ଗୋ ବାପା ଗୋ ମନ ଲାଗୁଛି
ମୁଁ ମଧ୍ୟ ସ୍କୁଲକୁ ଯିବି
ପର ଘରକୁ ଯିବି କୁଲି କରି ମରିବି
ଅଶିକ୍ଷିତ ଝିଅ ବୋଲି ହୀନମାନ କରୁଛ
ମାଁ ଗୋ ବାପା ଗୋ ମୋ ମନ ଲାଗୁଛି
ମୁଁ ମଧ୍ୟ ସ୍କୁଲ୍‌କୁ ଯିବି ।

**ସୁଜାତା କଣ୍ଡାଗିରୀ**
ସପ୍ତମ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କନ୍ଧମାଲିଗାଁ,
ଜିଲ୍ଲା - ରାୟଗଡ଼ା

# କର୍ମ ହିଁ ଭଗବାନ

ଏକଦା ଗଙ୍ଗାନଦୀ କୂଳରେ ଜଣେ ଋଷି ଆଶ୍ରମ କରି ରହୁଥିଲେ । ନଦୀର ଅପର ପାର୍ଶ୍ୱରେ ଜଣେ କଂସେଇ ରହୁଥିଲେ । ମାଂସ ଦୋକାନ କରି ବ୍ୟବସାୟ କରୁଥିଲେ । ଋଷି ପ୍ରତିଦିନ ସକାଳୁ ଉଠି ଗଙ୍ଗାରେ ସ୍ନାନ କାର୍ଯ୍ୟ ସଂପନ୍ନ କରି ଯେତେବେଳେ ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରନ୍ତି ସେତେବେଳେ ସିଏ ଦେଖନ୍ତି ଯେ ନଦୀର ଅପର ପାର୍ଶ୍ୱରେ କଂସେଇଟି ଛେଳି କାଟି ମାଂସ ଓ ଚମଡ଼ାକୁ ଗଙ୍ଗା ନଦୀରେ ଧୋଉଛି ।

ଏସବୁ ଦେଖି ଋଷିଙ୍କର ବିରକ୍ତ ଭାବ ଜାଗ୍ରତ ହୁଏ । ମନରେ ଅଶାନ୍ତି ହେତୁ ସେ ଠିକ୍ ରୂପେ ପୂଜାପାଠ ମଧ୍ୟ କରିପାରନ୍ତି ନାହିଁ । କିନ୍ତୁ କଂସେଇଟି ଦିନଯାକ ବୃତ୍ତି କରିସାରି ରାତିରେ ଯେତେବେଳେ ଥକ୍କା ହୋଇ ଘରକୁ ଯାଏ, ଶୋଇବା ପୂର୍ବରୁ ସେ ଭଗବାନଙ୍କ ଉଦ୍ଦେଶ୍ୟରେ ହାତଯୋଡ଼ି କହେ, "ହେ ପ୍ରଭୁ । ତୁମେ ତ ମୋତେ ଛୋଟ ଜାତିରେ ଜନ୍ମ ଦେଇଛ । ଇଚ୍ଛା ନ ଥିଲେ ବି ପରିବାର ପୋଷିବା ପାଇଁ ମୋତେ ପ୍ରତିଦିନ ଜୀବ ହତ୍ୟା କରିବାକୁ ପଡୁଛି । ତେଣୁ ତୁମେ ମୋତେ ଏ ପାପରୁ ମୁକ୍ତ ଦିଅ ।

ଏହିପରି କିଛିଦିନ ଗଲା ପରେ ଉଭୟ କଂସେଇ ଓ ସାଧୁଙ୍କର ମୃତ୍ୟୁ ହେଲା । ସାଧୁଙ୍କୁ ନେବାପାଇଁ ଯମଦୂତମାନେ ଆସି ପହଞ୍ଚିଲେ ଓ କଂସେଇଟିକୁ ନେବା ପାଇଁ ଦେବଦୂତମାନେ ଆସି ପହଞ୍ଚିଲେ । ଏହାଦେଖି ସାଧୁ ଆଶ୍ଚର୍ଯ୍ୟ ହୋଇ ପଚ୍ଚରିବାରୁ ଯମଦୂତ ସାଧୁଙ୍କୁ କହିଲେ ଯେ ତୁମେ ଜଣେ ସାଧୁ, ଭଗବାନଙ୍କୁ ପୂଜା କରିବା ତୁମର ଧର୍ମ । ତୁମ ମନରେ ସର୍ବଦା ଭଗବତ୍ ଚିନ୍ତା ରହିବା ଉଚିତ୍ । କିନ୍ତୁ ତାହା ନ କରି ତୁମେ କଂସେଇ ବିଷୟରେ ସବୁବେଳେ ଚିନ୍ତା କଲ । ଯାହାଦ୍ୱାରା କି ତୁମେ ପୂଜାପାଠ ଠିକ୍ ଭାବେ କରିପାରିଲ ନାହିଁ । ତେଣୁ ତୁମର କର୍ତ୍ତବ୍ୟରେ ଅବହେଳା ହେଲା । ଫଳରେ ତମକୁ ଯମ ଲୋକକୁ ଯିବାକୁ ପଡ଼ିଲା । କିନ୍ତୁ କଂସେଇଟି ନିଜ କର୍ତ୍ତବ୍ୟ କରିବା ସଙ୍ଗେ ସଙ୍ଗେ ସମୟ ମିଳିଲେ ଭଗବାନଙ୍କୁ ମଧ୍ୟ ସ୍ମରଣ କରନ୍ତି । ନିଜ କର୍ତ୍ତବ୍ୟକୁ କଲାବେଳେ ଅନ୍ୟ କାହାରି ବିଷୟରେ ଅମଙ୍ଗଳ ଚିନ୍ତା କରିନାହାନ୍ତି । ତେଣୁ ନିଜ କର୍ତ୍ତବ୍ୟକୁ ସୁଚାରୁ ରୂପେ ତୁଲାଇଥିବାରୁ ଦେବଲୋକକୁ ଯିବାପାଇଁ ସେ ଯୋଗ୍ୟ ଅଟନ୍ତି ।

ତେଣୁ କରି କଥାରେ ଅଛି -

"କର୍ମହିଁ ଭଗବାନ ।"

**କୁମାରୀ ବର୍ଷାରାଣୀ ବାରିକ**
ଷଷ୍ଠ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ମାଟ୍‌କାମ୍‌ବେଡ଼ା, କେନ୍ଦୁଝର



# ଧାଇଁ ଗିଡ଼ି ଗିଡ଼ି ଶଗଡ଼ ଗାଡ଼ି

ଧାଇଁ ଗିଡ଼ି ଗିଡ଼ି ଶଗଡ଼ ଗାଡ଼ି,
ଶଗଡ଼ରେ ଯାଏ ମୋ ଆଈ ବୁଢ଼ୀ ।
କାଳିଆ କସରା ନିଅନ୍ତି ଭିଡ଼ି,
ବାଜୁଥାଏ ବେକେ ଘଣ୍ଟି ଘାଗୁଡ଼ି ।
ଦେଖରେ ଦେଖରେ ଆଈର ଖୁସି,
ବାପ ଘର ଯାଏ ଶଗଡ଼େ ବସି ।
ପାଟ ଶାଢ଼ି ପିନ୍ଧି ଆଈ ବସିଛି,
ପାକଲା ବାଳରେ ଫୁଲ ଖୋସିଛି ।
ଖଇର ଦେଇକି ପାନ ଖାଉଛି,
ନାଲି ଟହଟହ ପାଟି ଦିଶୁଛି ।
ପାନ ଖାଇ ଆଈ ମୁରୁକି ହସେ,
ମୁହଁରେ ଆଦର ମହକି ବାସେ ।

**ସଞ୍ଜୟ ନନ୍ଦ୍ୱାର**
ନବମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ଜାମୁଦର
ଜିଲ୍ଲା - ସୁନ୍ଦରଗଡ



# ଅସଲ ଦଣ୍ଡ

ଗୋଟିଏ ସ୍କୁଲରେ ଥିଲା ଦୁଷ୍ଟ ପିଲାଟିଏ । ତାକୁ ଜବତ୍ କରିବା ଖୁବ୍ କଷ୍ଟକର ଥିଲା । ଏଇ ସମୟରେ ସ୍କୁଲର ପ୍ରଧାନ ଶିକ୍ଷକଙ୍କର ବଦଳି ହୋଇଗଲା । ଶୁଣାଗଲା ନୂଆ ପ୍ରଧାନ ଶିକ୍ଷକ ଭାରି କ୍ରୋଧୀ । ସମସ୍ତେ ଭାବିଲେ ଯେ ଏଥର ସେଇ ପିଲା ସାବାଡ଼୍ ହେବ ।

ଦିନକର କଥା । ଶ୍ରେଣୀରେ ପିଲାଟି ବହୁତ ଦୁଷ୍ଟାମି କଲା ଏବଂ ଜଣେ ଭଲ ପଢୁଥିବା ପିଲାକୁ ମାଡ଼ ମାରିଲା । କଥାଟା ଗଲା ହେଡ଼ମାଷ୍ଟ୍ରଙ୍କ କାନକୁ । ସେ ପିଲାକୁ ନିଜ ପ୍ରକୋଷ୍ଠକୁ ଡାକି ତାଙ୍କ ପାଖରେ ଥିବା ଏକ ପାଞ୍ଚଣରେ ସେ ନିର୍ଦ୍ଦୟ ଭାବେ ପିଟି ଦେଇ ଗଲେ । ମାଡ଼ ଖାଇ ପିଲାଟି ବହୁତ କାନ୍ଦିଲା ଏବଂ ଚୁପ୍‌ଚାପ ହୋଇ ଶ୍ରେଣୀରେ ବସିଲା । ସେଦିନ ସେ ଆଉ ଦୁଷ୍ଟାମି କଲା ନାହିଁ । ଶିକ୍ଷକମାନେ ପରସ୍ପର ଭିତରେ କଥାବାର୍ତ୍ତା ହେଲେ - ଏମିତିଆ ମାଡ଼ ଦରକାର ଥିଲା ।

କିନ୍ତୁ ପିଲାଟି ଚୁପ୍‌ଚାପ୍ ପ୍ରତିଶୋଧ ନେବାର ବାଟ ଖୋଜୁଥିଲା । ଦୁଇଦିନ ପରେ ହେଡ୍ ସାର୍ ରାସ୍ତାରେ ଏକୁଟିଆ ଯାଉଥିବା ବେଳେ ସେ ପଥର ମାରି ତାଙ୍କ ମୁଣ୍ଡ ଫଟେଇ ଦେଲା । ବହୁତ ରକ୍ତସ୍ରାବ ହେଲା । ଗୁରୁତର ଭାବେ ଆହତ ସାର୍‌ଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଗଲା । ତେବେ କଥା ହେଉଛି, ସାର୍ କିନ୍ତୁ ଦେଖିପାରିଥିଲେ କିଏ ସେ ପଥର ମାରିଛି । ଏ କଥା ବହୁ ଆଗକୁ ଗଲା । ପୁଲିସ୍ ଆସି ହେଡ୍‌ସାରଙ୍କୁ ପଚାରିଲେ - "ଆପଣ କାହାକୁ ସନ୍ଦେହ କରୁଛନ୍ତି କୁହନ୍ତୁ" ।

ପିଲାଟି ଏଥର ସତରେ ଡରିଗଲା । ସେ ଭାବିଲା କଥା ସରିଲା । କିନ୍ତୁ ବିସ୍ମୟର କଥା ହେଡ୍ ସାର କହିଲେ - "କିଏ ମାରିଲା ମୁଁ ଦେଖିନାହିଁ କି ମୋର କାହା ଉପରେ ସନ୍ଦେହ ନାହିଁ ।"

କିଛି ଦିନ ପରେ ହେଡ୍ ସାର୍ ଭଲ ହୋଇ ସ୍କୁଲକୁ ଆସିଲେ । ଏଥର ପିଲାଟି ତାଙ୍କୁ ଭେଟିଲା । ସେ ହେଡ୍‌ସାର୍‌ଙ୍କୁ ପଚାରିଲା - "ମୁଁ ପଥର ମାରିଥିବା କଥା ଆପଣ ଦେଖିଥିବା ସତ୍ତ୍ୱେ କାହିଁକି କହିଲେ ନାହିଁ" ?

ହେଡ୍‌ସାର୍ କହିଲେ - "ଏ ପର୍ଯ୍ୟନ୍ତ ମୁଁ ଭାବି ଆସିଥିଲି ଯେ ମାଡ଼ ଦେଇ ଜଣକୁ ସଂଶୋଧନ କରିହେବ । କିନ୍ତୁ ଦେଖିଲି ତୁମେ ମାଡ଼ ଖାଇ ଆହୁରି ବିଗିଡ଼ି ଗଲ । ପ୍ରତିଶୋଧପରାୟଣ ହୋଇଗଲ । ତେଣୁ ଭାବିଲି, ଏ ପ୍ରକାର ଦଣ୍ଡର କୌଣସି ମୂଲ୍ୟ ନାହିଁ"।

ପିଲାଟି କହିଲା - "ଆପଣ ମୋତେ କ୍ଷମା ଦେଲେ ଏବଂ ସତ କହିଲେ ତାହା ହିଁ ମୋ ପାଇଁ ଏକ ଦଣ୍ଡ ସଦୃଶ । ମୁଁ ବହୁତ ଅନୁତପ୍ତ । ଆପଣଙ୍କୁ କଥା ଦେଉଛି ଯେ - ଆଉ ଦୁଷ୍ଟାମି କରିବି ନାହିଁ । ଭଲ ବାଟକୁ ଆସିବି ।"

**ସଞ୍ଜୁ ଖେସ**
ନବମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ଜାମୁଦର
ଜିଲ୍ଲା - ସୁନ୍ଦରଗଡ଼

# ହୁମ ବଉଲି - ସମ୍ବଲପୁରୀ ହୁମ

ହୁମଲି ହୁମିଆଁ ସାରେ ବଉଲିରେ

ହୁମଲି ହୁମିଆଁ ସାରେ ।

ଯେଉଁ ଦିନ ହୁମ ଘରୁ ବାହାରିଲା

ଯେଉଁ ଦିନ ହୁମ ଘରୁ ବାହାରିଲା

ଗୁଡ଼ର ପଇଁରୀ ସାରେ ବଉଲିରେ

ଗୁଡ଼ର ପଇଁରୀ ସାରେ ।

ଦୁଲି ହେଲା ଟଲମଲ ବଉଲିରେ

ଦୁଲି ହେଲା ଟଲମଲ

ଆସିଗଲା ଆମର୍ "ସରଗି ଫୁଲ"

ଆସିଗଲା ଆମର "ସରଗି ଫୁଲ"

ଖେଲି ଯିମା ଘରୁ ବାହାର୍ ବଉଲିରେ

ଖେଲି ଯିମା ଘରୁ ବାହାର୍ ରେ ।

ବାନ୍ଧିଦିଅ ପଟାଦୁଲି ବଉଲିରେ

ବାନ୍ଧିଦିଅ ପଟାଦୁଲି

ଖୁସାଥି "ସରଗି ଫୁଲ" ଖୁସିକରି

ଖୁସାଥି "ସରଗି ଫୁଲ" ଖୁସିକରି

ନାଚିଦେମୁଁ ସମ୍ବଲପୁରୀ ବଉଲିରେ

ନାଚିଦେମୁଁ ସମ୍ବଲପୁରୀରେ ।



କଅଁଳି ଖରାଥିଁ ମଝାଖୁଲି ବଉଲିରେ

କଅଁଳି ଖରାଥିଁ ମଝାଖୁଲି

ନାଚୁଛେଁ ମୁଇଁ ହଲି ଝୁଲି

ନାଚୁଛେଁ ମୁଇଁ ହଲି ଝୁଲି

"ସରଗି ଫୁଲ" ଆଏଲା ବୋଲି ବଉଲିରେ

"ସରଗି ଫୁଲ" ଆଏଲା ବୋଲି

"ସରଗି ଫୁଲ"ର ମହକ ବାସ ବଉଲିରେ

"ସରଗି ଫୁଲ"ର ମହକ ବାସ ।

ଜଙ୍ଗଲରେ ତାର ମହକ ବିଳାସ

ଜଙ୍ଗଲରେ ତାର ମହକ ବିଳାସ

ଭୁବନେଶ୍ୱରରେ ଉଡ଼େ ଯଶ ବଉଲିରେ

ଭୁବନେଶ୍ୱରରେ ଉଡ଼େ ଯଶ ।

ଓ୍ୱଲ ଯିମା ଥରେ ବୁଲି ବଉଲିରେ

ଓ୍ୱଲ ଯିମା ଥରେ ବୁଲି

"ସରଗି ଫୁଲ" ର ମଞ୍ଚ ଉପରେ ଖାଲି

"ସରଗି ଫୁଲ"ର ମଞ୍ଚ ଉପରେ ଖାଲି

ନାଚି ଦେମୁ ହଲି ଝୁଲି ବଉଲିରେ

ସର ସର ସର ସର ବଉଲିରେ

ସର ସର ସର ସର ରେ

"ସରଗି ଫୁଲ" ର ନା ହେଉ ଅମର

"ସରଗି ଫୁଲ"ର ନା ହେଉ ଅମର

ରହି ଥାଉ କାଳ କାଳ ବଉଲିରେ

ରହି ଥାଉ କାଳ କାଳ ।

**ପ୍ରଧାନ ଶିକ୍ଷକ,**
ରାମନନ୍ଦା ଆଶ୍ରମ ବିଦ୍ୟାଳୟ, ଜିଲ୍ଲା - ଝାରସୁଗୁଡ଼ା

# विचित्र मिलन


''ये संसार बडा बिचित्र हैं । कभि कभि लोगो को अपनी दिल से अलग कसी है तो कभी मिला देती है ।

भवानी शंकर जी का अच्छा खानदान थे । उनके चार पूत्र थ । उनका नाम श्याम राम, मधु और राहुल था । वे देखने मे एक जैसे थे । वे खेलकुद और पढाई एक साथ करते थे । भवानी जी का एक आशा था कि उनके चार पुत्र मिलेटेरी में जाएँ । मगर एक दिन भवानी जी के परीवार मेला देखने गये थे । वहां पर पुलीस ब्यबस्था होनेपर भि पाकिस्तान की कुछ आतंकवादी ने हमला कर डाला । पशुओं की तरह निरीह जनता की जाने गयी । इसी वकत एक गोली भवानी जी को लगा । उनके चार पुत्र भयभित हो गये । राम और श्याम वहां से भाग गये । मधु और राहुल अपने पिता के पास खडे थे । लेकिन उहें आतंकवादी ले गये । भवानी कुछ देर बाद ''पानी पानी'' कुछ शब्द कहे । राम और श्याम उनको पास आए । भवानी जी और दो बैंटों के बारें में बताए और पानी पीकर उन्हें स्वर्गप्राप्ती हुआ ।

उनके पिता का अंतिम आशा पूर्ण करने के लिए दोनी मिलेटेरी में भर्ति हो गये । कुछी दिनो में उनके साहसीकता के कारण वे दोनो बहुत सारे नाम कमा लिए । एक दिन अफिस से बुलावा आई । बडे अफीस़रो ने कदे कि पश्चिम दिशा के और आगे बडे । वहाॅ घमाघट युद्ध हुआ । अनेकों के जाने गये । राम लढते लढते आगे बढ गया था । ठिक उसी वक्त उसका गोली खतम हो गया । हाथ के लढाई के सिबाए उसके पास चारा नहीं था । वह एक आतंकवादी के साथ लढते लढते उसके गले में रुद्राक्षर का माला देखकर पुछता है और गले मिलते हैं । वह दोनों एक दुसरे को पहचान लेते हैं और गले मिलते है । वह एक मधुर बैला था । ठिक उसी तरह श्याम अपने बिछडे भाई राहुल से मिलता हैं । वे चार भाई मिलजुलकर रहते हैं । इसलिए मेरा कहना यह है कि संसार विचित्र है ।

**आकाश चन्द्र पात्र (नवी कक्षा)**
**बासीपिठा सरकारी उच्च विद्यालय**

# ଜନଜାତି ଭାଷା ବିଭାଗ



## କିସାନ ସଂପ୍ରଦାୟର ଲୋକଗୀତ

ଆହାରେ ଠୁଠି କାହାଲି

ପଦେ ଗିତ ଲାଗି ହେଲ ଗ୍ୱହାଲି

ଅଛ କି ଗଲ ପଲାଇ ।

ମାଁ ଥିଲେ ଗାଁ ମାମୁ ଘର

ମାଁ ମରି ଗଲେ କିଏ କାହାର

ରାଜ ଦିଶେ ଅନ୍ଧାର ।

ନୂଆଁ ସେଗି ପଟାଗ୍ୱରେ

ନୂଆଁ ନୂଆଁ ବହୁ ଛଟକି ଗ୍ୱଲେ

ନୂଆଁ ନୂଆଁ ଦିନାଗ୍ୱରେ ।

ଜହ୍ନ ଉଦେ ଛନ୍ ଛନ୍

ଉଦିଆରେ ଜହ୍ନ ଖାଇବୁ ପାନ

ଦାନ୍ତ ଦିଶେ ସୁଭାବନ ।

ଘର ସେ ଘର ଲାଗିଛି

କେଉଁ ଘରେ ଦଦା ପାଠ ପଢୁଛେ

କୋଇଲି ରାଗ ଟେକୁଛେ ।

ଏଙ୍ଗେ ଦଦା ବହୁ ଜଡ଼େ

ଖାଇବା ଖୁରିରେ ବିଷ ଗୁଲିଲେ

ମରିଜା ବଲି କହିଲେ ।

ଆକାଶନୁ କାଇଁ ବିବାନ

ଧନ୍ୟରେ ବିବାନ ନିଙ୍ଗେ ଜୀବନ

ରାଇଜ କାମାଲି ମନ ।

ହାମେତ କିସାନ ଜାତି

ଅନଟା ଆବଡ଼ିନୁ ପାଞ୍ଚେଟା ଲେଟୀ

ପେସାଗେ ମାଲ୍ଲା ଶକତି ।

**କ୍ଷୀର [illegible]**

ଷଷ୍ଠ ଶ୍ରେଣୀ, ବରାବଗା ସେବାଶ୍ରମ, ଜି : ସମ୍ବ[illegible]ର

## ଓରାମ ସଂପ୍ରଦାୟର ଲୋକଗୀତ

କାଲାଗିନ୍ ମାନେଓ୍ୱା ଭେଲାଏ ଆନ୍ ଜାନ୍‌ରେ
କାଲାଗିନ୍ ଭେଲାଏଁ ଛିତଛାନ
ଜାନେ ତାନେ ଭେଲା ଏଛିତିଛାନ୍ ।

ନାର୍‌ନାରି ଜାନାମ୍ ଲେଇକେ
ନିତପ ଧାରାମ୍ ଛୋଇଡ଼ ଦେଲେ ଏଁ
ହ୍ରିଦାୟମେ ବାସା ସାଏତାନ ।

ମାନେଓ୍ୱା କେର ଦାଶା ଦେଖୀ
ଧାରାତିମେଉତେଇର୍ ଆଲାଏ
ପାପ୍‌ଲେ ଦେଲା ଏ ଆପାନଦାନ ।

ପାପି କାବୁ ପାପ୍ କାନା
ନିତି କାବୁଦୁହାଇ ଧାରାମ୍
ତାବ୍ ମିଲେ ମୁକ୍ତି କେରଦାନ ।

**ଆଶ୍ରିତା ବାଗେ**
ସପ୍ତମ ଶ୍ରେଣୀ
ବରାବଗା ସେବାଶ୍ରମ, ଜି : ସମ୍ବଲପୁର

## ଦେଶାସେଲୁ ଜୀଉସିନା

ଇରିଗୋ ମା'ନ୍ଦେ ଭାରତ ଦିନା,
ପୁଙ୍ଗା ପ୍ରସାନା ସାଞ୍ଜା ସାଞ୍ଜାନା,
ପୁଲ୍ଲୁ ତାରା ସାଞ୍ଜା ମେହା ମେହାନା
ବିହାଙ୍ଗା ବା'ନୋ ଗା'ମେ ଉଜାନା
ଭାରତ ତାରା ସାଞ୍ଜା ମେହାନା
ଉଜାନା ବାଇ'ନେରୁ ସାନ୍ଧି ଗା'ସନା
ବାଦୁଡ଼େ ଆ'ଲୁ ଗୁଲେ ଆଡାନା
ଦିନା ଦେଶା ବାଗା ରାକା ଜୀରିଗିନା
ଗୁଲେ ବାଦୁ ମି'ନ୍ଦା ଜୀଉ ପ୍ରାସାନା,
ଦିନା ଦେଶାବାଗା ପ୍ରମାଣ ସିନା,
ରାକା ଜୀରିବାଆନା ଜୀବନ ସି'ନା
ଭାରତ ବାଗା ପାଦା ଇଟିନା
ଭାରତ ସେଲୁ ଗୁଲେ ତା'ତେରୁ
ସାଲାକାରି ମା'ନ୍ଦେ ରାକା ଜଡ଼ି ବାରୁ
ଇ'ରିଗୋ ମା'ନ୍ଦେ ଭାରତ ଦିନା
ଭାରତ ଆଜାନୀ ବୁଢୁଜା କୁଁନା ।

**ଅମିତା ମଲ୍ଲିକ**
ସପ୍ତମ ଶ୍ରେଣୀ, ସରକାରୀ ଆଶ୍ରମ ସ୍କୁଲ ବାଟାଗୁଡ଼ା,
କନ୍ଧମାଳ

## ଲବ୍ - କୁଶ

ଏ ବାବୁ ହୁଡ଼ିଞ୍ଚ ବାବୁ

ଅକାରିଃ ବିନ୍ ଜାନାମ୍ ଲେନାଃ

ବଙ୍ଗା ଲେକା ବିନ୍ ଞେଲ କାନାଃ

ଅରନ୍ ବରନ୍ ବିର୍ ତାଲାଃରେ

ସକାମ୍ କୁଃବା ଅଲାଃ ଦୁଆରେ

ଅଡ଼େ ଗେଲିଞ୍ଚ ଜାନାମ୍ଃ ଲେନାଃ

ବଙ୍ଗା ଲେକା ଲିଞ୍ଚ ଞେଲ କାନାଃ

ରାମ ତାଃଲିଞ୍ଚ ବାବାୟ୍ ହୁୟଃ

ଲକ୍ଷନ ତାଲିଞ୍ଚ କାକା ବାବା

ଛିତା ତାଃଲିଞ୍ଚ ଜାନାମ ଆୟୁଃ

ଆଲିଞ୍ଚ୍ ଲବ୍-କୁଶ ।

**କୁମାରୀ ସାଲହିମଣୀ ସୋରେନ**
ଷଷ୍ଠ ଶ୍ରେଣୀ, ଆଶ୍ରମ ସ୍କୁଲ, କୋଣାର୍କ

## ଚମ୍ପା ବାହା

ଆଲାକ୍ ଜାଡ଼ି ଜୀବନ

ତିନାଦିନ୍ ଲାଃଗିନ୍‌ଚଙ୍

ଏତମ୍ କଞ୍ଚେ ବିହାର ବେଙ୍ଗଲ

ତାଲାଃରେ ଓଡ଼ିଶା ଦିଶମ୍

ଅକୟ ବୟହାଃୟ ରହୟ ଲେଆ

ନଆ ଚମ୍ପା ବାହା ।

"ବାରିପଦା" "ସୁନାରାମ" ସୋରେନ୍

"ଡ଼ାହାରଡ଼ି" ର ରଘୁନାଥ ମୁର୍ମୁ

ଉନ୍‌କିନ୍ ଗିକିନଃ ରହୟଃ ଲେଆ

ନଆ ଚମ୍ପା ବାହା ।

ନାଃଲି ନାଃଲି ମେରାଲ୍ ବାହା

ଆଦିମ୍ ଉମୁଲ ଚମ୍ପା ବାହା

ନାଃଲି ସେଟେର୍ ଲେନ୍‌ଖାନ୍ ବୟହାଃ

ଉମୁଲ୍ ରେବନ୍ ତାହେବ ।

**କୁମାରୀ ଫୁଲମଣୀ ମୁର୍ମୁ**
ଷଷ୍ଠ ଶ୍ରେଣୀ, ଆଶ୍ରମ ସ୍କୁଲ, କୋଣାର୍କ

## ସୁଙ୍ଗାମୁଁ ଝିଅ ସୁଙ୍ଗାମୁଁ

ସୁଙ୍ଗାମୁଁ ଝିଅ ସୁଙ୍ଗାମୁଁ
ଡାଞ୍ଜୁ ବାଇନେରୁ ।
ସୁଙ୍ଗାମୁଁ ଝିଅ ସୁଙ୍ଗାମୁଁ
ରାଜେଞ୍ଜୁ ବାଇନେରୁ ।

**ଓଡ଼ିଆ ଅନୁବାଦ (ଶୋଇପଡ଼ ସୁନା ଝିଅ)**

ଶୋଇପଡ଼ ସୁନାଝିଅ
ଶୋଇପଡ ତୁହି
ନ ଶୋଇଲେ ସୁନାଝିଅ
ଚାନ୍ଦ ଯିବ ନେଇ ।
ଶୋଇପଡ଼ ଗେଲି ଝିଅ
ଶୋଇପଡ଼ ତୁହି,
ନ ଶୋଇଲେ ସୁନାଝିଅ
ରାଜା ଯିବ ନେଇ ।




**ଶ୍ରଦ୍ଧାଞ୍ଜଳି ପ୍ରଧାନ**
ଦଶମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁହୁତୁଲି

## ଉରୁଲା ବୁଡି ଉରୁ

ଉରୁଲା ବୁଡି ଉରୁ
ଜାମାକି ସାଝି ଦୁରୁ
ନାଇ ବାତେକା ସିଆଦି ତିରାଙ୍ଗା ସିରୁ

**ଓଡ଼ିଆ ଅନୁବାଦ (ହଉଲୋ ଝିଅ ହଉ)**

ହଉଲୋ ଝିଅ, ହଉ,
ତୋ କଥାଟି ରହୁ,
ତୁ ଚାଲିଯିବୁ କୁଆଇଁ ଘରକୁ
ଦୂରରେ ଦୂରରେ ଥାଉ,
ଯେବେ ଯିବି ତୋର ଘର
ତୋରାଣି ପାଣିରେ ପରଷିବୁ ମୋତେ
ଦୁଃଖ ମୋ ହୋଇବ ଦୂର ।



**ଅନ୍ତିମା ପ୍ରଧାନ**
ଦଶମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁହୁତୁଲି, କନ୍ଧମାଳ

# ଡାମରା କାକାରେ ଡାମରା କାକା

ଡାମରା କାକାରେ ଡାମରା କାକା,
ସେଣ୍ଡ ସକୁ ତାନିଡ଼ିମୁ
ପ୍ଲିସାନା ସକୁ ଏସେ ସାଞ୍ଜନେ
ଏନ୍ଦାମାନେ ସାତୁଗୋଟା ଇଟ୍‌କା ।

ସାତ ଇଡୁତାନି ସାତୁଗାଣ୍ଡିଲାସାଖା
କଗାରି ଝିଅ ପାଦା ଆଜତୁଲତା
ଏକୁ ଉନ୍‌ବିସିଡ଼େ କଥା ବେସିତେ
କାକା ଡ଼ିମାନେ
ରେହା ଆଜାନେ କାଢ ବେସପିମାନେ ।

**ଓଡ଼ିଆ ଅନୁବାଦ**

ଡାମରା କାଉରେ ଡାମରା କାଉ,
ବଡ଼ ପରବତେ ବୋବାଉ ଥାଉ ।
ବଡ଼ ପରବତ ବେଶି ସୁନ୍ଦର,
ସେଥିରେ ରହିଛି ସାତୋଟି ଘର ।
ସାତ ଘରେ ସାତ ଝିଅ ରହିଲେ,
ସାତ ସାତ ପୁଅ ଘର ଜଗିଲେ ।
ସାନ ଝିଅ ନାଆଁ ଆଜତୁଲତା,
ଭାତ ଖାଉନାହିଁ କହୁନି କଥା ।
କା କା କରି ରାବ କରିବା
ଖୁସି ହୋଇ ସିଏ କହିବ କଥା ।

**ସୁକେସିନୀ ପ୍ରଧାନ**
ଦଶମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁତୁତୁଲି, କନ୍ଧମାଳ







